ବର୍ଷ-୨୫, ସଂଖ୍ୟା-୩୯
ଭୁବନେଶ୍ୱର
୯, ଫେବୃଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 39
Bhubaneswar
9 February, 2025, Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଦିଲ୍ଲୀରେ ଝଡିଗଲା ଝାଡୁ, ଫୁଟିଲା ପଦ୍ମ





**ନୂଆଦିଲ୍ଲୀ,୮।୨ :** ଦୀର୍ଘ ୨୭ ବର୍ଷର ସଂଘର୍ଷ ପରେ ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶାସନ କ୍ଷମତାକୁ ଫେରିବାରେ ସକ୍ଷମ ହୋଇଛି। ରେକର୍ଡ ଦୁଇ ତୃତୀୟାଂଶ ଆସନ ସହ ଦିଲ୍ଲୀରେ ଶାସନ ସିଂହାସନ ଦଖଲ କରିଛି। ଗତ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନ ଫଳାଫଳ ଆଜି ପ୍ରକାଶ ପାଇଛି। ଏହି ଫଳାଫଳରେ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଆସନ ମଧ୍ୟରୁ ବିଜେପି ୪୮ଟି ନିର୍ବାଚନ ମଣ୍ଡଳୀରେ ଜୟଯୁକ୍ତ ହୋଇଥିବା ବେଳେ ଦୀର୍ଘ ୧୦ବର୍ଷ ଶାସନ ଗାଦିରେ ଥିବା କେଜ୍ରିୱାଲଙ୍କ ଆପ୍ ଦଳ ୨୨ଟି ଆସନରେ ଜୟଯୁକ୍ତ ହୋଇଛି। ଏହି ନିର୍ବାଚନ ଆପ୍‌କୁ ଶକ୍ତ ଧକ୍କା ଦେଇଥିବା ବେଳେ ବିଜେପିର ଏହି ବିଜୟ ପାଇଁ ଦେଶର ରାଜଧାନୀରେ ବିଜେପି କର୍ମୀମାନଙ୍କ ମଧ୍ୟରେ ଉଲ୍ଲାସ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଦେଶର ସର୍ବପୁରାତନ ଦଳ କଂଗ୍ରେସ ଏହି ନିର୍ବାଚନରେ ତା'ର ସତ୍ତା ହରାଇଛି। କୌଣସି ଗୋଟିଏ ଆସନରେ ମଧ୍ୟ ଦେଶର ରାଜଧାନୀରେ କଂଗ୍ରେସ ଜିତିବା ସମ୍ଭବ ହୋଇପାରିନାହିଁ।

ବିଜେପି ଶେଷ ଥର ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନ ୧୯୯୩ ମସିହାରେ ଜିତିଥିଲା। ୧୯୯୩ରୁ ୧୯୯୮ ମଧ୍ୟରେ ବିଜେପି ୩ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଭାର ଦେଇଥିଲା। ପ୍ରଥମେ ମଦନ ଲାଲ ଖୁରାନା, ତା'ପରେ ସାହିବ ସିଂହ ବର୍ମା ଓ ଶେଷ କିଛି ମାସ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୮ ପରଠାରୁ ଆଉ ବିଜେପି କ୍ଷମତାକୁ ଫେରି ପାରି ନଥିଲା। ପ୍ରଥମେ କଂଗ୍ରେସ ୧୫ ବର୍ଷ ଧରି ଦିଲ୍ଲୀକୁ ଶାସନ କରିଥିଲା। ଏହାପରେ ଅରବିନ୍ଦ କେଜ୍ରିୱାଲ ଆପ୍ ମୈଦାନକୁ ଓହ୍ଲାଇ ବିଜୟୀ ହୋଇଥିଲା।

୨୦୧୫ରେ ଆପ୍ ରେକର୍ଡ ୬୭ ଆସନ ଜିତିଥିବା ବେଳେ ବିଜେପି ମାତ୍ର ୩ଟି ଆସନ ପାଇଥିଲା। ୨୦୨୦ରେ ଏହି ସଂଖ୍ୟା ୬୨ ଓ ୮ ରହିଥିଲା। ୨୦୨୫ରେ ଆପ୍ ହ୍ୟାଟ୍ରିକ ବିଜୟର ଲକ୍ଷ୍ୟ ରଖିଥିଲା। କିନ୍ତୁ ବିଜେପିର ଦମଦାର ପ୍ରଚାର ଓ ସିଟ୍ ବାଇ ସିଟ୍ ରଣନୀତିକୁ ଆପ୍ ବୁଝିବାରେ ଅକ୍ଷମ ହୋଇଛି।

ଆପ୍‌ର ଅନେକ ହେଭିୱେଟ ବିଜେପି ପ୍ରାର୍ଥୀଙ୍କ ଆଗରେ ଧରାଶାୟୀ ହୋଇଛନ୍ତି। ଦଳର ଜାତୀୟ ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବିଜେପିର ପ୍ରଭେଶ ବର୍ମା ନୂଆଦିଲ୍ଲୀ ଆସନରେ ୫ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। କେଜ୍ରିୱାଲଙ୍କ ପୂର୍ବତନ ଡେପୁଟି ତଥା ଆପ୍‌ର ନମ୍ବର ୨ ନେତା ମନୀଷ ସିସୋଦିଆ ଜଙ୍ଗପୁର ଆସନରେ ୬ଶହରୁ ଅଧିକ ଭୋଟରେ ବିଜେପିର ତରଭିନ୍ଦର ସିଂହଙ୍କ ଠାରୁ ହାରି ଯାଇଛନ୍ତି। ଦଳର ଅନ୍ୟତମ ଦୁଇ ହେଭିୱେଟ ସତ୍ୟେନ୍ଦ୍ର ଜୈନ ଓ ସୌରଭ ଭରଦ୍ୱାଜ ମଧ୍ୟ ନିଜ ନିଜ ଆସନ ବଞ୍ଚାଇବାକୁ ସକ୍ଷମ ହୋଇ ନାହାନ୍ତି।


ତେବେ ମୁଖ୍ୟମନ୍ତ୍ରୀ ଆତିଶୀ କିଛି ମାତ୍ରରେ ଆପର ମାନ ରଖିବାକୁ ସକ୍ଷମ ହୋଇଛନ୍ତି। ସେ ବିଜେପିର ରମେଶ ବିଧୁରୀଙ୍କ ଠାରୁ ଆରମ୍ଭରୁ ପଛରେ ଥିଲେ ହେଁ ଶେଷ ବେଳକୁ ଲିଡ ହାସଲ କରିଥିଲେ। ଏହାପରେ ୧ ହଜାରରୁ କମ ଭୋଟରେ ହେଉ ପଛେ ଆତିଶୀ କାଲକାଜୀ ଆସନରୁ ବାଜିମାତ କରିଛନ୍ତି।

ଆପ୍ ଏଥର ବଡ଼ ରିସ୍କ ନେଇଥିଲା। ଏହା ଦଳକୁ ମହଙ୍ଗା ବି ପଡ଼ିଛି। ଶିକ୍ଷାବିତ ଅବଧ ଓଝା ଦଳରେ ସାମିଲ ହେବାରୁ ତାଙ୍କୁ ଆପ୍ ପକ୍ଷରୁ ମନୀଷ ସିସୋଦିଆଙ୍କ ପାରମ୍ପରିକ ଆସନ ପତପରଗଞ୍ଜରୁ ପ୍ରାର୍ଥୀ କରିଥିଲା। ୨୦୧୩ରୁ ସିସୋଦିଆ ଏଠାରୁ ଜିତି ଆସୁଥିଲେ। ହେଲେ ସେ ଓଝାଙ୍କ ପାଇଁ ଏହାକୁ ଛାଡ଼ି ଜଙ୍ଗପୁରା ଚାଲି ଯାଇଥିଲେ। ଆପ୍ ଏଥିଯୋଗୁ ଉଭୟ ପତପରଗଞ୍ଜ ଓ ଜଙ୍ଗପୁରାରେ ହାରିଛି।

ଦିଲ୍ଲୀ ଦଖଲ କରିବା ପରେ ଆପ୍ ଦେଶରେ ବିକଳ୍ପ ଭାବେ ଉଭା ହୋଇଥିଲା। ଦଳ ମଧ୍ୟ ନିଜକୁ ଜାତୀୟ ସ୍ତରରେ ଉପସ୍ଥାପିତ କରିଥିଲା। କିନ୍ତୁ ଏବେ ଦିଲ୍ଲୀ ପରାଜୟ ପରେ ଆପ୍‌ର ଜାତୀୟ ସଂପ୍ରସାରଣକୁ ବଡ଼ ଝଟକା ଲାଗିଛି। ଏବେ ଦଳ ପାଖରେ କେବଳ ପଞ୍ଜାବ ରହିଲା।

ଅନ୍ୟପକ୍ଷରେ ବିଜେପି ୨୭ ବର୍ଷ ପରେ ଦିଲ୍ଲୀ ଦଖଲ କରିଥିଲେ ହେଁ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'କୁ ନେଇ ସସପେନ୍ସ ଜାରି ରହିଛି। ସରକାର ଗଠନ କରିବାକୁ ଯାଉଥିବା ବିଜେପି ଦିଲ୍ଲୀରେ ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ନିର୍ବାଚନ ଲଢୁଥିଲା। ତେଣୁ ଐତିହାସିକ ବିଜୟ ପରେ କିଏ ମୁଖ୍ୟମନ୍ତ୍ରୀ ହେବେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

| | |
|---|---|
| ବିଜେପି | ୪୮ |
| ଆପ୍ | ୨୨ |
| କଂଗ୍ରେସ | ୦ |



ବିଜେପି ଦିଲ୍ଲୀରେ ନିଜର ପ୍ରଚାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମ୍ନାରେ ରଖି କରିଥିଲା। ତାଙ୍କ ନେତୃତ୍ୱରେ ଦଳ ଦିଲ୍ଲୀରେ ଶାସନ କରିବ ବୋଲି କହି ଆସୁଛି। ତେଣୁ ପ୍ରଧାନମନ୍ତ୍ରୀ ମୋଦି ଓ ବିଜେପିର ବରିଷ୍ଠ ନେତାମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀ ବାଛିବେ।

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଗୋଟିଏ ଦଶକର ଆପ୍‌ଦାରୁ ଦିଲ୍ଲୀ ମୁକ୍ତ ହେଲା। ଆଜି ଦିଲ୍ଲୀରେ ବିକାଶ, ଦୂରଦୃଷ୍ଟି ଓ ବିଶ୍ୱାସର ବିଜୟ ହୋଇଛି। ଆଡ଼ମ୍ବର, ଅରାଜକତା ଓ ଅହଙ୍କାର ପାଇଁ ଆପ୍‌ଦା (ଆମ୍ ଆଦମୀ ପାର୍ଟି) ପରାସ୍ତ ହୋଇଛି। ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଏହି ବିଜୟର ହକ୍‌ଦାର। ଦିଲ୍ଲୀବାସୀ ସ୍ପଷ୍ଟ କରିଦେଲେ ଦିଲ୍ଲୀର ପ୍ରକୃତ ମାଲିକ କେବଳ ଜନତା। ସର୍ଟକଟ୍ ରାଜନୀତିକୁ ଦିଲ୍ଲୀବାସୀ ସର୍ଟ ସର୍କିଟ କରିଦେଲେ। ଲୋକସଭା ନିର୍ବାଚନରେ ଦିଲ୍ଲୀବାସୀ କେବେ ଆମକୁ ନିରାଶ କରିନାହାନ୍ତି। ୩ ଥର ଲୋକସଭା ନିର୍ବାଚନରେ ଶତ ପ୍ରତିଶତ ବିଜୟ ଆମକୁ ମିଳିଥିଲା। ଏଥର ଦିଲ୍ଲୀର ଯୁବବର୍ଗ ପ୍ରଥମ ଥର ବିଜେପିର ସୁଶାସନ ଦେଖିବେ। ପ୍ରଧାନମନ୍ତ୍ରୀ କହିଛନ୍ତି, ଦିଲ୍ଲୀ କେବଳ ଗୋଟିଏ ସହର ନୁହେଁ, ଏହା ମିନି ଇଣ୍ଡିଆ। ବିବିଧତା ଥିବା ଦିଲ୍ଲୀରେ ଆମକୁ ପ୍ରଚଣ୍ଡ ବହୁମତ ମିଳିଛି। ବିଶେଷ ଭାବେ ପୂର୍ବାଞ୍ଚଳ ଲୋକଙ୍କୁ କୃତଜ୍ଞତା ଜଣାଉଛି। ତୁଷ୍ଟୀକରଣ ନୁହେଁ, ସନ୍ତୁଷ୍ଟୀକରଣ ନୀତିକୁ ଲୋକେ ବାଛିଛନ୍ତି। ବିକାଶରେ ବାଧା ସୃଷ୍ଟି କରୁଥିବା ଆପ୍‌ଦାକୁ ଜନତା ହଟାଇଛନ୍ତି। ପୂରା ଦେଶ ଜାଣିଛି ଯେଉଁଠି ଏନ୍‌ଡ଼ିଏ, ସେଠାରେ ସୁଶାସନ। ସୁଶାସନର ଲାଭ ମଧ୍ୟବିତ୍ତ ଓ ଗରିବଙ୍କୁ ମିଳିଥାଏ। ଆମ ଦଳ ସବୁବେଳେ ମଧ୍ୟବିତ୍ତଙ୍କୁ ଗୁରୁତ୍ୱ ଦେଇଥାଏ। ଦେଶର ନାରୀଶକ୍ତି ଆମର ସବୁଠୁ ବଡ଼ ରକ୍ଷା କବଚ। ମହିଳାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ନିଶ୍ଚିତ ପୂରଣ ହେବ। ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ଗ୍ୟାରେଣ୍ଟି ପୂରଣ ହେବାର ଗ୍ୟାରେଣ୍ଟି। ଦିଲ୍ଲୀକୁ ଏକ ଆଧୁନିକ ସହର କରିବୁ। ଆଜି ଦେଶ ସହରୀକରଣ ମୁହାଁ। ଏହା ଏକ ସୁଯୋଗ। ଗରିବ ଓ ମଧ୍ୟବିତ୍ତଙ୍କୁ ସଶକ୍ତ କରିବାକୁ ଏହା ଏକ ମାଧ୍ୟମ। ଦିଲ୍ଲୀବାସୀଙ୍କ ଆକାଂକ୍ଷା ପୂରଣ କରିବାରେ ଲାଗିପଡ଼ିବୁ।

ଏହା ସହିତ ସେ ଯୁବବର୍ଗଙ୍କୁ ରାଜନୀତିକୁ ଆସିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ପଲିଟିକାଲ ଟ୍ରାନ୍ସଫର୍ମେଶନର ଆବଶ୍ୟକତା ଅଛି। ଦେଶର ଯୁବବର୍ଗ ରାଜନୀତିକୁ ଆସିଲେ ଦେଶର ଭବିଷ୍ୟତ ବଦଳିବ। କ୍ଷମତା ଲୋଭ ନୁହେଁ, ସେମାନେ ସେବାରେ ନିଜକୁ ନିୟୋଜିତ କରିବା ଆବଶ୍ୟକ।

ଏହି ଅବସରରେ ମୋଦି ଆପ୍‌କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜନୀତିରେ ପରିବର୍ତ୍ତନ ଆଣିବୁ କହି ସେମାନେ ରାଜନୀତିକୁ ଆସିଥିଲେ। କିନ୍ତୁ ସେମାନେ କଟ୍ଟର ବେଇମାନ ବାହାରିଲେ। ବିଧାନସଭା ପ୍ରଥମ ଅଧିବେଶନରେ ସିଏଜି ରିପୋର୍ଟ ଉପସ୍ଥାପନ କରିବୁ। ଯିଏ ବି ଲୁଟିଛନ୍ତି, ଫେରାଇବାକୁ ପଡ଼ିବ। ଦୁର୍ନୀତିର ଯାଞ୍ଚ ହେବ, ଏହା ମୋଦିଙ୍କ ଗ୍ୟାରେଣ୍ଟି।

କଂଗ୍ରେସକୁ ବି ଧୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଆଜି ପୁଣିଥରେ କଂଗ୍ରେସକୁ କଡ଼ା ସନ୍ଦେଶ ମିଳିଛି। ପୁଣି ଥରେ ଖାତା ଖୋଲିବାରେ ବିଫଳ ହୋଇଛି କଂଗ୍ରେସ। ୬ ଥର ଖାତା ଖୋଲିପାରିନି କଂଗ୍ରେସ। ଦିଲ୍ଲୀରେ କଂଗ୍ରେସକୁ ଜିରୋର ଡବଲ ହ୍ୟାଟ୍ରିକ ମିଳିଛି। କଂଗ୍ରେସ ଉପରେ ଦେଶ ଆଉ ଭରସା କରୁନି। ମୁଁ ପୂର୍ବରୁ କହିଛି କଂଗ୍ରେସ ଏକ ପରଜୀବୀ ପାର୍ଟି। ନିଜେ ବୁଡ଼ିବା ସହ ସହଯୋଗୀ ଦଳକୁ ବି ବୁଡ଼ାଉଛି। ଇଣ୍ଡି ଗଠବନ୍ଧନ କଂଗ୍ରେସର ଏହି ଚରିତ୍ରକୁ ଜାଣି ସାରିଲେଣି। ଦିଲ୍ଲୀରେ ଇଣ୍ଡି ଗଠବନ୍ଧନ କଂଗ୍ରେସ ବିରୋଧରେ ପ୍ରଚାର କରିଥିଲେ। କିନ୍ତୁ ସେମାନେ ଆପ୍‌ଦାକୁ ବଞ୍ଚାଇ ପାରିଲେନି। ଆଜିର କଂଗ୍ରେସ ସ୍ୱାଧୀନତା ସମୟର କଂଗ୍ରେସ ନୁହେଁ। କଂଗ୍ରେସ ନେତା ଅର୍ବାନ ନକ୍ସଲର ଭାଷା କହୁଛନ୍ତି।

## ଅଭିନେତା ଉତ୍ତମ ମହାନ୍ତି ଗୁରୁତର



**ଭୁବନେଶ୍ୱର,୮।୨(ମହାଭାରତ):** ଓଲିଉଡର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ଥିବା ସୂଚନା ମିଳିଛି। ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତରିତ କରାଯାଇଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଉତ୍ତମ ମହାନ୍ତିଙ୍କୁ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ଚିକିତ୍ସା ଚାଲିଥିବା ବେଳେ ସେ ଭେଣ୍ଟିଲେଟରରେ ଥିଲେ। ତେବେ ଏହି ଖବର ଶୁଣି ଅନେକ ଚଳଚ୍ଚିତ୍ର ଦର୍ଶକ ଓ ପ୍ରଶଂସକ ଦୁଃଖ ପ୍ରକାଶ କରିଛନ୍ତି। ଲୋକପ୍ରିୟ ଅଭିନେତା ସୁସ୍ଥ ହୋଇ ଘରକୁ ଫେରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ବାବୁସାନ୍ ଫିଲ୍ମସର ନୂଆ ସିନେମା 'ବୋଉ ବୁଟୁ ଭୂତ'ର ସୁଟିଂ ଚାଲିଥିବା ବେଳେ ଉତ୍ତମ ମହାନ୍ତି ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଉତ୍ତମ ମହାନ୍ତି ପତ୍ନୀ ଅପରାଜିତା ଓ ପୁଅ ବାବୁସାନଙ୍କ ସହ ଅଭିନୟ କରିଛନ୍ତ। ଏଥିରେ ଅର୍ଚ୍ଚିତା ନାୟିକା ଭୂମିକାରେ ନଜର ଆସିବେ।

### ଯାଜପୁରରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଯୋଜନାରେ ଯୋଡ଼ି ହେଲେ ଏକ କୋଟି ମହିଳା

**ଯାଜପୁର,୮।୨(ମହାଭାରତ):** ଆଜି ଯାଜପୁର ଠାରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଓଡ଼ିଶାର ସର୍ବବୃହତ୍ ମହିଳା ସଶକ୍ତିକରଣ ଯୋଜନା ସୁଭଦ୍ରା ଅଧୀନରେ ଯାଜପୁର ଠାରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଛି। ପୂର୍ବରୁ ୩ ଟି ପର୍ଯ୍ୟରେ ୮୦ ଲକ୍ଷ ମହିଳା ପ୍ରଥମ କିସ୍ତି ପାଇଥିବା ବେଳେ, ଆଜି କୁ ମିଶାଇ ୪ ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ସହାୟତା ପାଇଲେ। ଏହି ସହାୟତା ରାଶି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହି ସହାୟତା ରାଶି ପ୍ରଦାନର ଉଦ୍ଦେଶ୍ୟ ରହିଛି ମା'ମାନଙ୍କୁ ବିକାଶର ପାର୍ଟନର କରିବା, ମା'ମାନେ ଏହାକୁ ପାରିବାରିକ ଖର୍ଚ୍ଚ ପାଇଁ ବ୍ୟବହାର ନ କରି ବିଭିନ୍ନ ବିଜିନେସ ପାଇଁ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନାରୀର ଶକ୍ତି ସାମର୍ଥ୍ୟ ଏବଂ ପ୍ରତିଭାର ଉପଯୋଗ କରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ । ଏଥିପାଇଁ ମା'ମାନଙ୍କୁ ବିଜିନେସ କରିବାର ବିଭିନ୍ନ କୌଶଳ ଶିଖିବାକୁ ପଡ଼ିବ । ବିଭିନ୍ନ ଟ୍ରେଡରେ ମଧ୍ୟ ଦକ୍ଷତାର ବିକାଶ କରିବାକୁ ପଡ଼ିବ । ମା'ମାନଙ୍କ ଦକ୍ଷତା ବିକାଶ କରିବାକୁ ନିକଟରେ ଆୟୋଜିତ ହୋଇଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆଇ.ଆଇ.ଏମ୍?. ସମ୍ବଲପୁର ସହିତ ଅନୁବନ୍ଧିତ ହୋଇଛନ୍ତି । ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ଏଥିରେ ଯୋଡ଼ି ହେବେ । ମା'ମାନେ ବିଜିନେସ କରିବାର କଳା କୌଶଳ ଶିଖିଲେ ସେମାନେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ସେ କହିଥିଲେ । ସେ କହିଥିଲେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେବ । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହିତ ନିଜ ଅଧିକାର ପ୍ରତି ସଚେତନ ହୋଇପାରୁଛନ୍ତି । ସୁଭଦ୍ରା ଯୋଜନା ଓଡ଼ିଶା ମା ଓ ଭଉଣୀମାନଙ୍କ ଜୀବନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଲେ ଯେ, ସୁଭଦ୍ରା ଏକ ଯୋଜନା ନୁହେଁ, ଏହା ଆଗାମୀ ଦିନରେ ମହିଳାମାନଙ୍କର ଜୀବନ ଧାରଣର ଏକ ମାଧ୍ୟମ ହେବ ।



ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ, ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ, କୋରେଇ, ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ, ଅମର ନାୟକ, ଧର୍ମଶାଳା ବିଧାୟକ, ହିମାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅନ୍ତ୍ୟୋଦୟ ଯୋଜନାରେ ସବୁ ଗରିବଙ୍କୁ ମିଳିବ ଘର

**ଭୁବନେଶ୍ୱର,୮।୨(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଲୋକସେବା ଭବନରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା। ବୈଠକରେ ଅନ୍ତୋଦୟ ଗୃହ ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ସମାଜର ଦୁର୍ବଳ ବର୍ଗର ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଅନ୍ତୋଦୟ ଗୃହ ଯୋଜନା'ର ମୂଳ ଲକ୍ଷ୍ୟ। ଏହି ଯୋଜନା ପାଇଁ ୭,୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରବର୍ଗଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ।

ଏହି ଯୋଜନାରେ ହିତାଧିକାରୀ, (ଶୌଚାଳୟର ଅଂଚଳକୁ ହିସାବକୁ ନନେଇ) ୨୫ ବର୍ଗ ମିଟର ପରିଧି ବିଶିଷ୍ଟ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପାଇପାରିବେ। ତିନି ବର୍ଷ ମଧ୍ୟରେ ଏହି ଯୋଜନାରେ ଅନ୍ୟୁନ୍ୟ ୨,୨୫,୦୦୦ ନୂତନ ପକ୍କା ଘର ମଞ୍ଜୁର କରାଯିବ।

ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଟଙ୍କା ଏବଂ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି।

ଯୋଜନାରେ ପକ୍କାଘରର ସଂଜ୍ଞାକୁ ସରଳୀକରଣ କରାଯାଇ ଆଜବେସଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି। ପରିବାରର ସଂଜ୍ଞାକୁ ମଧ୍ୟ ସରଳୀକରଣ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାର ମାନେ ଯୋଜନାରେ ଉପକୃତ ହୋଇ ପାରିବେ।



ଓଡ଼ିଶା ସରକାର ମଧ୍ୟ ଏହି ଏକୀକୃତ ପେନସନ୍ ଯୋଜନା (ୟୁପିଏସ୍)କୁ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଯେଉଁ କର୍ମଚାରୀମାନେ ଏନପିଏସ ବ୍ୟବସ୍ଥାରେ ପେନସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ ସ୍ଥିର କରିଛନ୍ତି।

ଏକୀକୃତ ପେନସନ୍ ଯୋଜନା (ୟୁପିଏସ୍)ର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ହେଲା ସୁନିଶ୍ଚିତ ପେନ୍‌ସନ୍, ୨୫ ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ, ଅବସର ପୂର୍ବର ୧୨ ମାସରେ ମିଳିଥିବା ହାରାହାରି ମୂଳ ଦରମା ବା ବେସିକ ପେ'ର, ୫୦ ପ୍ରତିଶତ ହାରରେ ପେନସନ୍ ମିଳିବ। ସର୍ବନିମ୍ନ ୧୦ ବର୍ଷର ଚାକିରି ଅବଧି ଠାରୁ ଆରମ୍ଭ କରି ୨୫ ବର୍ଷ ପର୍ଯ୍ୟନ୍ତ ଚାକିରି ଅବଧି କ୍ଷେତ୍ରରେ ପେନ୍‌ସନ୍ ଆନୁପାତିକ ଭାବେ ମିଳିବ। ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନ୍‌ସନ୍‌ର ୬୦ ପ୍ରତିଶତ ହାରରେ ପାରିବାରିକ ପେନସନ୍ ମିଳିବ। ସର୍ବନିମ୍ନ ୧୦ ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦,୦୦୦ ଟଙ୍କା ପେନସନ ମିଳିବ। ସୁନିଶ୍ଚିତ ପେନ୍‌ସନ୍, ସୁନିଶ୍ଚିତ ପାରିବାରିକ ପେନସନ୍ ଓ ସୁନିଶ୍ଚିତ ସର୍ବନିମ୍ନ ପେନ୍‌ସନ୍ ଉପରେ, ସେବା କର୍ମଚାରୀଙ୍କ କ୍ଷେତ୍ରରେ ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କବା ଆଧାରରେ ମହଙ୍ଗା ସହାୟତା ମିଳିବ।



# ଜୀବନଚର୍ଯ୍ୟା





# ଗଜା ମୁଗ ଚାଟ

ଗଜାମୁଗ ଖୁବ ସ୍ୱାସ୍ଥ୍ୟକର । ଏହାକୁ ଖାଇବାକୁ ମଧ୍ୟ ଖୁବ ଲୋକ ପସନ୍ଦ କରନ୍ତି । ଗଜାମୁଗକୁ ବହୁ ଝାଲ କରି ମଧ୍ୟ ଖାଇ ଥାଆନ୍ତି। ତେବେ ଆମେ ଆପଣଙ୍କୁ ଗଜାମୁଗର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଗଜାମୁଗ ଚାଟ ବିଷୟରେ କହିବାକୁ ଯାଉଛୁ । ଯାହାକୁ ପ୍ରସ୍ତୁତ କରିବା ଖୁବ ସହଜ ।

ଆବଶ୍ୟକୀୟ ସାମଗ୍ରୀ: ୧କପ ଗଜାମୁଗ, ୧ଚାମଚ ତେଲ,ଅଧାଚାମଚ ସୋରିଷ,ଅଧା ଚାମଚ ଜିରା,ଭୁର୍ସୁଙ୍ଗ ପତ୍ର, ୨ଟି କଟା ପିଆଜ, ୧ଚାମଚ ଅଦା ରସୁଣ ପେଷ୍ଟ,ଅଧା ଚାମଚ ଲଙ୍କା ଗୁଣ୍ଡ,ଏକ ଚୁଟକି ହଳଦୀ ଗୁଣ୍ଡ, ୧ଚାମଚ ଧନିଆ ଜିରାଗୁଣ୍ଡ,ଚାଟ ମସଲା,ଗୋଟିଏ କଟା ଟମାଟୋ,ଦହି,ଲୁଣ ସ୍ୱାଦ ଅନୁସାରେ,କଟା ଧନିଆ ।

ପ୍ରସ୍ତୁତି ପ୍ରଣାଳୀ: କଢାଇରେ ତେଲ ଗରମ କରି ଜିରା ସୋରିଷ ଫୁଟାନ୍ତୁ । ଏବେ ଏଥିରେ କଞ୍ଚାଲଙ୍କା ଏବଂ ଭୁର୍ସୁଙ୍ଗ ପତ୍ର ପକାନ୍ତୁ । ଏବେ ଏଥିରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ଜିରାଗୁଣ୍ଡ, ହଳଦୀ ଗୁଣ୍ଡ ପକାନ୍ତୁ ।ଏହା ଉପରେ କଟା ଟମାଟୋ ପକାନ୍ତୁ। ମସଲା ଭଲ ଭାବେ କଷି ହେଲା ପରେ ଏଥିରେ ଗଜା ମୁଗ ପକାଇ ସିଝିବା ପାଇଁ ଅଳ୍ପ ପାଣି ଓ ଲୁଣ ଦିଅନ୍ତୁ। ୪ରୁ ୫ମିନିଟ ସିଝାଇବା ପରେ ଅଳ୍ପ ଚାଟ ମସଲା ପକାଇ ଗ୍ୟାସ ବନ୍ଦ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ଗଜାମୁଗ ଚାଟ । ଏବେ ଏକ ପାତ୍ରକୁ କାଢି ତା ଉପରେ ଦହି ପକାନ୍ତୁ। କଟା ପିଆଜ,ଟମାଟୋ ଓ କଟା ଧନିଆ ପକାଇ ସଜାଇ ଦିଅନ୍ତୁ ।ଏବେ ଗରମା ଗରମା ଖାଆନ୍ତୁ ଓ ଖୁଆନ୍ତୁ ।



ଖବର

## ଦ୍ୱିତୀୟ ବିବାହ ପରେ ସାମ୍ୟାଙ୍କ ସହ ଛାଡ଼ପତ୍ର ବିଷୟରେ କହିଲେ ଚେତନ୍ୟ





ସାଉଥ ଷ୍ଟାର ନାଗା ଚେତନ୍ୟ ଏବେ ଦ୍ୱିତୀୟ ବିବାହ କରିସାରିଛନ୍ତି। ସେ ଅଭିନେତ୍ରୀ ଶୋଭିତା ଧୁଳିପାଲାଙ୍କୁ ବିବାହ କରିଛନ୍ତି। ଏହାପୂର୍ବରୁ ସେ ଗୋଆରେ ସାଉଥ୍ ସୁପରଷ୍ଟାର ସାମ୍ୟା ରୁଥ ପ୍ରଭୁଙ୍କୁ ବିବାହ କରିଥିଲେ। ହେଲେ ପରେ ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇ ଅଲଗା ହୋଇଯାଇଥିଲେ। ଛାଡ଼ପତ୍ର ପରେ ଚେତନ୍ୟ ଓ ସାମ୍ୟା ଏହା ପଛର କାରଣ ଜଣାଇନଥିଲେୟ ଏବେ ଚେତନ୍ୟ ନିଜର ଫିଲ୍ମ ପ୍ରମୋସନ ବେଳେ ଏହା ପଛର କାରଣ ଜଣାଇଛନ୍ତି ।ତାଙ୍କ କହିବା ମୁତାବକ, ଆମେ ନିଜ ନିଜ ରାସ୍ତାରେ ଯିବାକୁ ଚାହୁଁଥିଲୁ। ନିଜ ନିଜ କାରଣରୁ, ଆମେ ଏହି ନିଷ୍ପତ୍ତି ନେଇଥିଲୁ। ହେଲେ ଛାଡ଼ପତ୍ର ପରେ ବି ଆମେ ପରସ୍ପରକୁ ସମ୍ମାନ କରୁଛୁ। ଆମେ ଆମ ଜୀବନରେ, ନିଜ ନିଜ ଲକ୍ଷ୍ୟ ହାସଲ କରିବାକୁ ଆଗକୁ ବଢୁଛୁ। ଆଉ କ'ଣ ବ୍ୟାଖ୍ୟା ଆବଶ୍ୟକ, ମୁଁ ବୁଝିପାରୁନାହିଁ। ମୁଁ ଆଶା କରୁଛି ଦର୍ଶକ ଏବଂ ଗଣମାଧ୍ୟମ ଏହାକୁ ସମ୍ମାନ ଦେବେ। ଆମେ ପୂର୍ବରୁ ଗୋପନୀୟତା ପାଇଁ ଅନୁରୋଧ କରିଥିଲୁ। ଏହି ପ୍ରସଙ୍ଗକୁ ନେଇ ଆମ ଗୋପନୀୟତାକୁ ସମ୍ମାନ ଦେବାକୁ ଆମେ ଅନୁରୋଧ କରିଥିଲୁ । କିନ୍ତୁ, ଦୁର୍ଭାଗ୍ୟବଶତଃ, ଏହା ଏକ ଚର୍ଚ୍ଚାର ବିଷୟ ପାଲଟିଗଲା। ସମସ୍ତଙ୍କ ପାଇଁ ଏକ ମନୋରଞ୍ଜନ ହୋଇଗଲା। ଏହା କେବଳ ମୋ ଜୀବନରେ ଘଟିଛି ତାହା ନୁହେଁ, ତେବେ ମୋ ସହ କାହିଁକି ଜଣେ ଅପରାଧୀ ପରି ବ୍ୟବହାର କରାଯାଉଛି ? ଆମେ ଦୁହେଁ ଅଲଗା ହୋଇ ଆଗକୁ ବିଲୁ। ମୋତେ ପୁଣି ଥରେ ଭଲପାଇବା ମିଳିଲା ଏବଂ ମୁଁ ବିବାହ କଲି। ଏଥିରେ ସମସ୍ୟା କ'ଣ ? ବୋଲି ପ୍ରଶ୍ନ କରିଛନ୍ତି ଚେତନ୍ୟ।

## ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?



ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଟନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର



ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# ନିୟମିତ ଅଣ୍ଟା ଯନ୍ତ୍ରଣା ଲାଗି ରହୁଥିଲେ



ସୁସ୍ଥ ରହିବା ପାଇଁ ଶରୀରକୁ ପୋଷକ ତ□ର ଆବଶ୍ୟକତା ରହିଛି। ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍, କାର୍ବୋହାଇଡ୍ରେଟ ସହ ଅନ୍ୟାନ୍ୟ ପୋଷକ ତ□ ରହିଛି। କ୍ୟାଲସିୟମ ବିଶେଷ କରି ହାଡ ଓ ଦାନ୍ତକୁ ସୁସ୍ଥ ରଖିବା ପାଇଁ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀରରେ କ୍ୟାଲସିୟମ ଅଭାବ କାରଣରୁ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଶରୀରରେ ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେବା ସହ ହାଡ ଦର୍ବୁଳ ହେବାକୁ ଆରମ୍ଭ କରିଥାଏ। ତେଣୁ ନିଜ ଖାଦ୍ୟରେ କ୍ୟାଲସିୟମ ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଜାଣନ୍ତୁ..

ସୁସ୍ଥ ରହିବା ପାଇଁ ନିଜ ଖାଦ୍ୟରେ ବାଦାମ ନିଶ୍ଚୟ ସାମିଲ କରନ୍ତୁ। ଏଥିରେ କ୍ୟାଲସିୟମ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ବ୍ୟତୀତ ବାଦାମରେ ଭିଟାମିନ୍ ଇ, ମାଗ୍ନେସିୟମ, ଫାଇବର ଓ ପ୍ରୋଟିନ ମାତ୍ରା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ପରିମାଣରେ ବାଦାମ ସେବନ କରିବା ଦ୍ୱାରା ହାଡ ସୁସ୍ଥ ରହିବା ସହ ମଜଭୂତ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ।

ନିୟମିତ ଦହି ଖାଇବା ଦ୍ୱାରା କ୍ୟାଲସିୟମର ଅଭାବ ପୂରଣ ହୋଇଥାଏ। ଏହା ହାଡକୁ ମଜଭୂତ ରଖିବା ସହ ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଭିଟାମିନ ବି୬, ଭିଟାମିନ ବି୧୨ ଭଳି ପୋଷକ ତ□ ରହିଛି। ଏହା ଆପଣଙ୍କୁ ସୁସ୍ଥ ରହିବାରେ ସହାୟକ ହୋଇଥାଏ। ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ,ସେମାନେ କ୍ୟାଲସିୟମର ଅଭାବ ପୂରଣ ପାଇଁ ସୋୟା ମିଲ୍କ ସେବନ କରି ପାରିବେ। ଏଥିରେ କ୍ୟାଲସିୟମ, ପ୍ରୋଟିନ୍ ଓ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ସବୁଜ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ପୋଷକ ତ□ରେ ଭରପୁର। ଏସବୁରେ କ୍ୟାଲସିୟମ, ପୋଟାସିୟମ, ଆଇରନ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି। ଶରୀରରେ କ୍ୟାଲସିୟମର ଅଭାବ ପୂରଣ ପାଇଁ ନିଜ ଖାଦ୍ୟରେ କଦଳୀ, ପାଳଙ୍ଗ ସହ ଅନ୍ୟାନ୍ୟ ପନିପରିବା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ହାଡ ଓ ମାଂସପେଶୀରେ ଅନୁଭବ ହେଉଥିବା ଯନ୍ତ୍ରଣା ଦୂର କରିଥାଏ।



# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।



# ରାଷ୍ଟ୍ର ନିର୍ମାଣରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୮।୨ (ମହାଭାରତ):** ଦେଶ ନିର୍ମାଣରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ତୃତୀୟ ଜାତୀୟସ୍ତରୀୟ ଏକଲ ଖେଳକୁଦ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ବିଭିନ୍ନ ପ୍ରଦେଶରୁ ଆସିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, କ୍ରୀଡ଼ା ସଶକ୍ତିକରଣ ଏବଂ ଜାତୀୟ ଏକତାର ଶକ୍ତିଶାଳୀ ମାଧ୍ୟମ। ଏହା ଖେଳାଳୀମାନଙ୍କ ମଧ୍ୟରେ ଶୃଙ୍ଖଳା, ଟିମ୍ ୱାର୍କ ଏବଂ ନିଷ୍ଠା ଶିକ୍ଷା ଦେବା ସହ ସେମାନଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଗଢ଼ିବା ସହିତ ଦେଶର ସୁନାଗରିକଭାବେ ଗଢିବାରେ ସହାୟକ ହୋଇଥାଏ। ଏକଲ ଖେଳକୁଦ ସମାରୋହ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ଦେଶର ବିଭିନ୍ନ ପ୍ରାନ୍ତର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଗୋଟିଏ ମଂଚରେ ଏକତ୍ରିତ କରିଥାଏ ଏବଂ ଏହି ମଂଚ ମାଧ୍ୟମରେ ସେମାନେ ନିଜର ଦକ୍ଷତା ଓ କୌଶଳ ପ୍ରତିପାଦିତ କରିବା ସହ ସେମାନଙ୍କୁ ଜୀବନ ବ୍ୟାପୀ ମୈତ୍ରୀର ବନ୍ଧନରେ ବାନ୍ଧି ରଖେ।

ଦେଶର ଗ୍ରାମାଂଚଳ ଓ ଜନଜାତି ବର୍ଗଙ୍କର ଶିକ୍ଷା ଓ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସ ସହିତ ସେମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତି ଜାଗ୍ରତ କରିବାରେ ଏକଲ ଅଭିଯାନର ନିରନ୍ତର ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟକ୍ରମ କ୍ରୀଡ଼ାବିତ୍‌ମାନଙ୍କୁ ବଡ଼ ସ୍ୱପ୍ନ ଦେଖି ଉତ୍କର୍ଷ ହାସଲ କରିବା ନିମନ୍ତେ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏପରି କାର୍ଯ୍ୟକ୍ରମ ଦ୍ୱାରା ଦେଶର ଗ୍ରାମାଂଚଳ ଓ ଜନଜାତି ବର୍ଗର ଯୁବ ପ୍ରତିଭାମାନେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିପାରିବେ ଏବଂ ଏହି ପଦକ୍ଷେପ ଦ୍ୱାରା ଏକ ଭାରତ ଶ୍ରେଷ୍ଠ ଭାରତର ଦୃଷ୍ଟିଭଙ୍ଗୀ ପ୍ରତିଧ୍ୱନିତ ହେବ।

ଭାଷଣ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ, ସରକାରଙ୍କ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା ଶକ୍ତିର ଉତ୍ସ ଭାବେ ଉଭା ହୋଇଛି, ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହିତ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଂଟ ଆୟୋଜନ କରିବା ସହିତ ବିଶ୍ୱସ୍ତରୀୟ ଆଥଲେଟ୍ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ରାଜ୍ୟପାଳ ଉତ୍ସାହିତ କରିଥିଲେ।

ଏହି ଏକଲ ଖେଳକୁଦ ସମାରୋହର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ସର-କାର୍ଯ୍ୟବାହ ଆଲୋକ କୁମାର, ଏକଲ ଅଭିଯାନର ରାଷ୍ଟ୍ରୀୟ ସଂଗଠନର ପ୍ରଭାରୀ ମାଧବେନ୍ଦ୍ର ସିଂହ, ଅଭ୍ୟୁଦୋୟ ୟୁଥ୍ କ୍ଲବର ଉପାଧ୍ୟକ୍ଷ ଅମର କୃଷ୍ଣ, ବନବନ୍ଧୁ ପରିଷଦର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଭୋରା ପମୁଖ ବକ୍ତବ୍ୟ ପ୍ରଦାନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ନିଷ୍ଠା, ଚେଷ୍ଟା ଓ ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷକ ସାଜିବାକୁ ଆହ୍ୱାନ ଜଣାଇଥିଲେ। ମାର୍ଗଦର୍ଶକ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀ ମହାରାଜ ତ୍ରିଦିବସୀୟ ତୃତୀୟ ଜାତୀୟସ୍ତରୀୟ ଏକଲ ଖେଳକୁଦ ସମାରୋହର ଶୁଭାରମ୍ଭ ଘୋଷଣା କରିଥିଲେ। ପ୍ରାରମ୍ଭରେ ଆୟୋଜକ କମିଟିର ପ୍ରିୟ ରଂଜନ ଚୌଧୁରୀ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଜାତୀୟ ଖେଳକୁଦ ସମାରୋହର ସଂଯୋଜକ ଅଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ସୁଦ୍ଧା ଗଞ୍ଜେଇ ଚାଷ ମୂଳୋତ୍ପାଟନ

**ଭୁବନେଶ୍ୱର,୮।୨ (ମହାଭାରତ):** ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଗଞ୍ଜେଇ ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଏସପି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅଭିଯାନ ଗତବର୍ଷ ନଭେମ୍ବର ମାସ ୦୧ ତାରିଖରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ମସିହାରେ ୩୫୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଥିଲା। ସେହିପରି ୨୦୨୩ ମସିହାରେ ୪୨୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୦ ହଜାର ୫୪୧ ଏକର, ୨୦୨୨ ମସିହାରେ ୫୭୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ରାଜ୍ୟର ୮ ଟି ଜିଲ୍ଲାରେ ଗଞ୍ଜେଇ ଚାଷ ବିରୁଦ୍ଧରେ ସ୍ପେଶାଲ ଡ୍ରାଇଭ ଚାଲିଛି। ରାୟଗଡା, ମାଲକାନଗିରି, କୋରାପୁଟ, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବା ବେଳେ ଏହାର ମୂଳୋଡପ୍ଟାଟନ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଡ୍ରୋନ ଏବଂ ସାଟେଲାଇଟ ସାହାଯ୍ୟରେ ଏକର ଏକର ଗଞ୍ଜେଇ ଚାଷ ଜମିକୁ ଚିହ୍ନଟ କରା ଯିବା ପରେ ଏହାକୁ ନଷ୍ଟ କରାଯାଉଛି। ଏହା ସହ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଉଥିବା ବେଳେ ଗଞ୍ଜେଇ ଚାଷ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ(କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜିପି(ଅପରେସନ) ଜୟନାରାୟଣ ପଙ୍କଜ, ଡିଆଇଜି(ଅପରେସନ) ଶ୍ରୀ ଅଖିଳେଶ୍ୱର ସିଂ, ଡିଆଇଜି(ଏସଆଇଡବ୍ଲୁ) ଡଃ କନୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ଜିଲ୍ଲା ଏସପି ମାନେ ଉପସ୍ଥିତ ଥିଲେ।

# ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

**ଭୁବନେଶ୍ୱର,୮।୨ (ମହାଭାରତ):** ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଆଜି 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ହଲାଇ ତ୍ରିପାଠୀ 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ଏକ ମାସ ବ୍ୟାପୀ ଏହି ସଚେତନତା ଅଭିଯାନ କରାଯିବ। ଶ୍ରମିକ ସଚେତନତା ରଥ ମାଧ୍ୟମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ଶ୍ରମିକ ମାନଙ୍କ କଲ୍ୟାଣ ସାଧନ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ସଂସ୍କାର, ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ଶିଶୁ ଶ୍ରମିକ ଆଇନ ସମ୍ବନ୍ଧରେ ଜିଲ୍ଲାର ଶ୍ରମିକ ମାନେ ସଚେତନ ଓ ଅବଗତ ହେବେ।



ଏହି ଶୁଭାରମ୍ଭ ଅବସରରେ ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ଏମ ମହାପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ନିବେଦିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ବନାନୀ ମହାପାତ୍ର, ସୁଜିତ ପଟ୍ଟନାୟକ, ଅଜୟ କୁମାର ପ୍ରଧାନ, ବିବି ଅଚାର୍ଯ୍ୟ, ପ୍ରଭାକର ବିଶ୍ୱାଳ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ ଏହିଭଳି ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇ ସଂପୃକ୍ତ ଜିଲ୍ଲାର ଶ୍ରମିକ ମାନଙ୍କୁ ଶ୍ରମ ବିଭାଗର କଲ୍ୟାଣମୂଳକ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନ ଓ ଅବଗତ କରାଯିବ।

# ନୂଆ ଶ୍ମଶାନ ଭୂମିର ଭିତ୍ତି ପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୮।୨ (ମହାଭାରତ):** ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଡୁମୁଡୁମାରେ ନୂଆ ଶ୍ମଶାନ ଭୂମିର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ସେହିଭଳି ମନ୍ତ୍ରୀ ଶ୍ରୀ ମହାପାତ୍ର ଖଣ୍ଡଗିରିରେ ୨୨ଟି ଟ୍ରାଫିକ୍ ସହାୟତା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ।

ସ୍ମାର୍ଟ ସିଟି ଭୁବନେଶ୍ୱର କ୍ରମାଗତ ସବୁ କ୍ଷେତ୍ରରେ ଉନ୍ନତି କରୁଥିବାବେଳେ ମୃତ୍ୟୁପରେ ମଣିଷର ସମ୍ମାନ ଓ ତାଙ୍କ ପରିବାରର ସୁବିଧା ନିଶ୍ଚିତ କରିବାକୁ ସରକାର ଦୃଢ଼ ସଂକଳ୍ପବଦ୍ଧ । ଏହି ପରିପ୍ରେକ୍ଷୀରେ ଡୁମୁଡୁମାରେ ନିର୍ମିତ ହେବାକୁ ଥିବା ନୂଆ ଶ୍ମଶାନ ଭୂମି ୧.୫୮ ଏକର ଜମିରେ ବିସ୍ତୃତ ହେବ ଏବଂ ଏହା ମୋଟ ୪.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତୁତ ହେବ।



ଏଥିରେ ଅପେକ୍ଷା କରିବା ପାଇଁ ବଡ଼ ହଲ୍, ପୁରୁଷ ଏବଂ ମହିଳାମାନଙ୍କ ପାଇଁ ଅଲଗା ପୋଷାକ ପରିବର୍ତ୍ତନ କକ୍ଷ, ପ୍ରଶାସନିକ ଭବନ, ଜଳାଶୟ ଏବଂ ଦାହ ସଂସ୍କାର ପାଇଁ ଆଧୁନିକ ବିଦ୍ୟୁତ/ଗ୍ୟାସ ଭଳି ବ୍ୟବସ୍ଥା ରହିବ। ଅନ୍ୟପଟେ ସମସ୍ତଙ୍କ ସୁବିଧା ସକାଶେ, ଏହି ସ୍ମଶାନରେ ରାମ୍ପ ଏବଂ ସାଇନେଜ୍ ବ୍ୟବସ୍ଥା ରହିବ। ଏଠି ଗାଡ଼ି ପାର୍କିଂ ପାଇଁ, ସୁରକ୍ଷା ସୁବ୍ୟବସ୍ଥା ରହୁଥିବାବେଳେ ପରିବେଶ ସୁରକ୍ଷାକୁ ଧ୍ୟାନରେ ରଖି ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ମଧ୍ୟ ରହିବ।

ସେହିପରି, ମନ୍ତ୍ରୀ ଖଣ୍ଡଗିରିରେ ୨୨ଟି ଟ୍ରାଫିକ୍ ସହାୟତା କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହି କେନ୍ଦ୍ରଗୁଡ଼ିକ ଦୀର୍ଘ ସମୟ ଧରି ରୋଡ଼ରେ କାର୍ଯ୍ୟରତ ଥିବା ଟ୍ରାଫିକ୍ ପୋଲିସ ଅଧିକାରୀମାନଙ୍କ ସୁବିଧା ନିମନ୍ତେ ପ୍ରସ୍ତୁତ କରାଯାଇଛି। ଏଠି ପରିଶ୍ରାଗାର, ବିଶ୍ରାମ ସ୍ଥଳ ଭଳି ସୁବିଧା ରହିଥିବାବେଳେ ଟ୍ରାଫିକ୍ ନିରୀକ୍ଷଣ ସେବାକୁ ସୁପରିଚାଳନା କରିବା ପାଇଁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ସହରର ପ୍ରମୁଖ ଛକରେ ଟ୍ରାଫିକ୍ ପରିଚାଳନାକୁ ଅଧିକ ସୁଗମ କରିବା ପାଇଁ, ମୋଟ ୨୨ଟି ଟ୍ରାଫିକ୍ ସହାୟତା କେନ୍ଦ୍ର ନିର୍ମାଣ କରି ପୋଲିସ୍ କମିଶନରେଟକୁ ହସ୍ତାନ୍ତରିତ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ନିର୍ମାଣ ପାଇଁ ମୋଟ ୨.୬କୋଟି ଟଙ୍କା ବ୍ୟୟରେ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ଟ୍ରାଫିକ୍ ପୋଲିସ ଅଧିକାରୀମାନଙ୍କ ପାଇଁ ବିଶ୍ରାମ ସ୍ଥଳ ଭାବେ କାମ କରିବ, ଯାହା ତାଙ୍କୁ ଡ୍ୟୁଟିରେ କାମ କରିବା ସମୟରେ ଅବଶ୍ୟକତା ଅନୁଯାୟୀ ବିଶ୍ରାମ ନେବାର ସୁଯୋଗ ଦେବ। ଏଥିରେ ବିଶ୍ରାମ କୋଠା ଏବଂ ପିଇବା ପାଣି ସୁବିଧା ମଧ୍ୟ ରହିଛି। ଏହି ଅବସରରେ ଏକାମ୍ର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ବାବୁ ସିଂ, ଅତିରିକ୍ତ ପୋଲିସ କମିଶନର ଡ଼ଃ ଉମାଶଙ୍କର ଦାଶ, ବିଡିଏ ଉପାଧ୍ୟକ୍ଷ ଡା.ଏନ୍. ତିରୁମାଲା ନାୟକ ଏବଂ ବିଡିଏର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୁଦ୍ଧରେ ପ୍ରୋସିଡିଂ ହୋଇ ପାରିବ ନାହିଁ

**ଭୁବନେଶ୍ୱର,୮।୨ (ମହାଭାରତ):** ଅବସର କେବଳ କାର୍ଯ୍ୟରୁ ନିଜକୁ ବିରତ କରିବା ନୁହେଁ, ଏହା ଏକ ଦୀର୍ଘଦିନର ପ୍ରତୀକ୍ଷା ଯେଉଁଠି ଜଣେ କର୍ମଚାରୀ ଶାନ୍ତିରେ ଟିକେ ନିଶ୍ୱାସ ମାରିବା ପାଇଁ ସୁଯୋଗ ପାଇଥାଏ । ଏଭଳି ସ୍ଥିତିରେ ଭିଜିଲାନ୍ସ ମାମଲା ରୁଜୁ କରିବାର ୧୨ବର୍ଷ ପରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରାଯିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତଦେଇଛନ୍ତି। ଏହି ଅବସରରେ ଅଦାଲତ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ରୁଜୁ ଶୃଙ୍ଖଳାଗତ ପ୍ରୋସିଡିଂକୁ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଧନେଶ୍ୱର ନାୟକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଲୁହାପଥର ଚାଲାଣ ଅଭିଯୋଗରେ ୨୦୧୦ ମସିହାରେ ଭିଜିଲାନ୍ସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ୨୦୨୨ ଅକ୍ଟୋବର ୩୧ ତାରିଖରେ କାର୍ଯ୍ୟରୁ ଅବସର ଗ୍ରହଣ କଲେ। ଏହି ଅବସର ଗ୍ରହଣ କରିବାର ମାତ୍ର ଚାରିଦିନ ପୂର୍ବରୁ ଅର୍ଥାତ ୨୬ତାରିଖ ଦିନ ଭିଜିଲାନ୍ସ ଏସପି ଆବେଦନକାରୀଙ୍କ ବିରୋଧରେ ଏକ ମେମୋରେଣ୍ଡମ ପରିବହନ କମିସନରଙ୍କ ନିକଟକୁ ପଠାଇଥିଲେ। କମିସନର ଏହାକୁ ଗ୍ରହଣ କରି ପରିବହନ ବିଭାଗକୁ ପଠାଇ ଦେଇଥିଲେ।

୨୦୨୪ ଫେବ୍ରୁଆରୀ ୨୧ ତାରିଖରେ ଆବେଦନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏହି ପ୍ରୋସିଡିଂକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ ଏତେ ବିଳମ୍ବରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ ପ୍ରୋସିଡିଂ କରାଯିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ମତ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜ୍ଞାନରଞ୍ଜନ ସେଠୀ ମାମଲା ପରିଚାଳନା କରୁଥିଲେ।

# ବକୁଳବନର ପୁନରୁଦ୍ଧାର ଦ୍ୱାରା ଉତ୍କଳମଣିଙ୍କ ସ୍ୱପ୍ନ ସାର୍ଥକ ହେବ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୨ (ମହାଭାରତ):** ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖାଯାଇ ଏହାର ପୁନରୁଦ୍ଧାର ଓ ବିକାଶ କରିବା ଦିଗରେ ରାଜ୍ୟ ସରକାରଙ୍କ ଯୋଜନାକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖୁଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ ବୋଲି ସେ କହିଛନ୍ତି।

ସତ୍ୟବାଦୀର ବକୁଳବନର ଉନ୍ନତିକରଣ ନେଇ ନିର୍ଦ୍ଦେଶ ଦେଇଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାରେ ସ୍ୱତନ୍ତ୍ରତା ସଂଗ୍ରାମର ନେତୃତ୍ୱ ନେବା ସହ ଦେଶ ସ୍ୱାଧୀନତା ପାଇଁ ଯେଉଁ ଯୋଜନା ଓ ପରିକଳ୍ପନା କରିଥିଲେ, ତା'ର ପ୍ରୟୋଗଶାଳା ଥିଲା ସତ୍ୟବାଦୀ ବକୁଳବନ ବିଦ୍ୟାଳୟ। ଏହି ପବିତ୍ର ସ୍ଥାନରୁ ହିଁ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାରେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଅଭ୍ୟୁଦୋୟ ହୋଇଥିଲା। ତାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଆଦି ମହାପୁରୁଷମାନେ ବକୁଳବନରେ ଛାତ୍ରଛାତ୍ରୀଙ୍କୁ ମୌଳିକ ଶିକ୍ଷା ସହ ରୋଜଗାର ଦେବା ଭଳି ଶିକ୍ଷା ପ୍ରଦାନ କରୁଥିଲେ। ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ନିଦର୍ଶନ ବହନ କରୁଥିବା ଏହି ଐତିହ୍ୟସମ୍ପନ୍ନ ଅନୁଷ୍ଠାନର ମହତ୍ୱକୁ ଦୃଷ୍ଟିରେ ରଖି ଗୁଜୁରାଟର ବଡନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଠ ପଢିଥିବା 'ପ୍ରେରଣା ସ୍କୁଲ'ର ଢାଞ୍ଚା ଅନୁସାରେ ବକୁଳ ବନ ବିଦ୍ୟାଳୟର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ପ୍ରେରଣା ବିଦ୍ୟାଳୟ ଆଜି ଯେପରି ଶିକ୍ଷା ଓ ମୂଲ୍ୟବୋଧର ଏକ ଅନନ୍ୟ କେନ୍ଦ୍ରରେ ପରିଣତ ହୋଇଛି, ସେପରି ଭାବେ ଏହି ବକୁଳବନ ବିଦ୍ୟାଳୟର ନବୀକରଣ ହେଲେ ଆମର ବରପୁତ୍ର ଓ ମହାପୁରୁଷମାନେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ। ପ୍ରାଚୀନ ଭାରତରେ ଗୁରୁକୁଳ ପରମ୍ପରାକୁ ପୁର୍ନଜୀବିତ କରିବାର ପ୍ରୟାସ ଏହି ବକୁଳବନରୁ ହିଁ ଆରମ୍ଭ ହୋଇଥିଲା। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ମଣିଷ ତିଆରି କାରଖାନାର ପୁନରୁଦ୍ଧାର ହେଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶ ଓ କଳ୍ପନାରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ଏକ ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେତେବେଳେ ପ୍ରଥମ ଥର ପାଇଁ ଶିକ୍ଷା ମନ୍ତ୍ରଣାଳୟ ଭାବେ ଦାୟିତ୍ୱ ନେଲେ, ସେତେବେଳେ ପ୍ରଥମ ଓଡ଼ିଶା ଗସ୍ତରେ ସେ ବକୁଳବନକୁ ଗସ୍ତ କରି ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହାର ଐତିହାସିକ ଦିଗ ଉପରେ ଆଲୋକପାତ କରିଥିଲେ।

# ବିଶ୍ୱ କର୍କଟ ଦିବସ ପାଳିତ




**ଭୁବନେଶ୍ୱର,୮।୨ (ମହାଭାରତ):** ଭୁବନେଶ୍ୱର ଆସ୍ୱାୟାର ହସ୍ପିଟାଲ ପକ୍ଷରୁ ଚଳିତବର୍ଷର ବିଷୟ ବସ୍ତୁ ୟୁନାଇଟେଡ ବାଇ ୟୁନିକ୍‌କୁ ନେଇ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲର ନିର୍ଦ୍ଦେଶକ ତଥା ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଅମିତାଭ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ, ସମ୍ମାନୀତ ଅତିଥି ଭାବେ ଅଭିନେତ୍ରୀ ଅନୁ ଚୌଧୁରୀ ଓ ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ ଯୋଗଦେଇ ସଚେତନତା ଓ ସତର୍କତା ଅବଲମ୍ବନ କଲେ କର୍କଟ ଦୂର କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ଡାକ୍ତର ତଥା ଏମ୍ସ ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ସରୋଜ ଦାସ ମଜୁମଦାର କର୍କଟ ରୋଗର ଯୁଦ୍ଧକାଳୀନ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଆସ୍ୱାୟାର ହସ୍ପିଟାଲର ଚେୟାରମ୍ୟାନ ଡାକ୍ତର ଚନ୍ଦ୍ରଭାନୁ ପରିଜା କର୍କଟ ବିରୋଧରେ ସାମୂହିକ ଲଢେଇର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏବଂ ଆସ୍ୱାୟାର ହସ୍ପିଟାଲର ଚିକିତ୍ସା ପଦ୍ଧତି ଓ ଡାକ୍ତର ଅମିତାଭ ଜେନାଙ୍କ ଅଭିଜ୍ଞତା ନିଷ୍ପାପର ସେବା, ଉଦାର ପଣିଆ ପାଇଁ ବହୁ ରୋଗୀ ଆରୋଗ୍ୟ ଲାଭ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ବିଭୂଦତ୍ତ ମହାପାତ୍ର ହସ୍ପିଟାଲର ଅତ୍ୟାଧୁନିକ କ୍ୟାନସର ଚିକିତ୍ସା ପ୍ରଣାଳୀ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଶତାଧିକ କର୍କଟ ରୋଗୀଙ୍କୁ କ୍ୟାନସର ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା।

# ଅର୍ଥ କମିଶନଙ୍କ ନିକଟରେ ବିଜେଡିର ଦାବି

**ଭୁବନେଶ୍ୱର,୮।୨ (ମହାଭାରତ):** ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଅର୍ଥ କମିଶନଙ୍କ ନିକଟରେ ଦାବି ଜଣାଇଲା ବିଜେଡି । ଷୋଡ଼ଶ ଅର୍ଥ କମିଶନଙ୍କ ନିକଟରେ ବିଜେଡି ତରଫରୁ ନବୀନ ପଟ୍ଟନାୟକଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଦିଆଯାଇଛି। ଅର୍ଥ କମିଶନ କେବଳ ବିଜେଡିର ସ୍ମାରକପତ୍ର ଦେଖି ବେଷ୍ଟ ସଜେସନ ବୋଲି କହିଲେ। ୨୪ ବର୍ଷ ଧରି ଶାସନ ଭାର ସମ୍ଭାଳିଥିଲା ବିଜେଡି। କେନ୍ଦ୍ରଠୁ ଯେତିକି ନ୍ୟାୟ ମିଳିବା କଥା ତାହା ମିଳିନି ବୋଲି ଅଭିଯୋଗ ଆଣିଲେ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ। ଗତ ୧୦/୧୨ ବର୍ଷ ମଧ୍ୟରେ ଯେତିକି ଆର୍ଥିକ ସହାୟତା ପାଇବା କଥା ତାହା ପାଇ ନାହୁଁ। ଓଡିଶାକୁ ଏକ ବେମାର ରାଜ୍ୟରୁ ଆର୍ଥିକ ପ୍ରଗତିପୂର୍ଣ୍ଣ ରାଜ୍ୟରେ ପରିଣତ କରିବାରେ ସମର୍ଥ ହୋଇଛୁ। ନୀତି ଆୟୋଗ ରିପୋର୍ଟ କହିଛି ଆର୍ଥିକ ଦୃଷ୍ଟିରୁ ଓଡିଶା ବହୁ ଆଗକୁ ଯାଇଛି। ନବୀନ ସରକାର ଏ କ୍ଷେତ୍ରରେ ସମର୍ଥ ହୋଇଛନ୍ତି।

ରାଜ୍ୟ ପାଇଁ ୪୧ ପ୍ରତିଶତ ଅଛି କେନ୍ଦ୍ରୀୟ ଭାଗ ତାହା ୫୦ ପ୍ରତିଶତ ହେବାକୁ ଦାବି । କେନ୍ଦ୍ର ସରକାର ୮ ଟି ସ୍କିମ କାଟିଦେଲେ। ତେଣୁ ସିଏସଏସ ଅନୁପାତ ବଢାଇବାକୁ ଦାବି। ଏବେ ୬୦, ୪୦ ଅନୁପାତ ମିଳୁଛିୟ ଯେଉଁଥିପାଇଁ ରାଜ୍ୟକୁ ଅଧିକ ଆର୍ଥିକ ବୋଝ ପଡୁଛି। ପଞ୍ଚାୟତ ସ୍ତରକୁ ଯେଉଁ ଅନୁଦାନ ମିଳୁଛି ତାହାକୁ ୫ ପ୍ରତିଶତ କରିବାକୁ ଦାବିୟ ଗତ ୧୪ ବର୍ଷ ହେଲା କୋଇଲା ରୟାଲଟିର ରିଭିଜନ ହୋଇନାହିଁ । ଯାହା ଫଳରେ ଓଡିଶାକୁ ଆର୍ଥିକ କ୍ଷତି ହେଉଛି। ଅନେକ ପିଏସୟୁ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଶାର ଜମି ତାହା ମିଳୁନି। ଜମି ଫେରାଇଦିଅ ନଚେତ ଜମି ବିକ୍ରି ଲବ୍ଧ ଅର୍ଥ ଆମକୁ ଦିଅ ବୋଲି ଦାବି କରିଛି ବିଜେଡି। ରାଜ୍ୟରେ କୃଷି ପରେ ବୁଣାକାର ସଂଖ୍ୟା ଅଧିକ। ହସ୍ତତନ୍ତ ଶିଳ୍ପର ପୁନରୁଦ୍ଧାର ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଉ। ହିମାଳୟାନ ରାଜ୍ୟ ଭଳି ଓଡ଼ିଶାର ସ୍ୱତନ୍ତ୍ର ଅବସ୍ଥିତି ଦୃଷ୍ଟିରୁ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଓଡ଼ିଶାର କଥା ବିଚାର କରି ସେହି ଶ୍ରେଣୀ ଅନ୍ତର୍ଭୁକ୍ତ କରି ସ୍ୱତନ୍ତ୍ର ସହାୟତା ଦିଆଯାଉ।

# ପୋଲିସ ହାଉସିଂ କର୍ପୋରେସନକୁ ୧୨୫୦ କୋଟି ଟଙ୍କାର ଟାର୍ଗେଟ

**ଭୁବନେଶ୍ୱର,୮।୨ (ମହାଭାରତ):** ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଏମଡି, ଓପିଏଚଡବ୍ଲୁସି ଏବଂ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଉଛି: ଓପିଏଚଡବ୍ଲୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦ କୋଟି ଟଙ୍କାର ଲାଭର ଲକ୍ଷ୍ୟ ଦିଆଯାଇଛି। ଓପିଏଚଡବ୍ଲୁସି ଟଙ୍କା ଲାଭ ବଣ୍ଟନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନର ଲକ୍ଷ୍ୟ ରଖିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬% ଅଧିକୟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ, ଓପିଏଚଡବ୍ଲୁସି ୭୦୦ ପ୍ରକଳ୍ପ ସମାପ୍ତ କରିବାକୁ ରାଜି ହୋଇଛି, ଯେଉଁଥିରୁ ୨୦୦ ପ୍ରକଳ୍ପ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରୀ ହେବୟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରୁ କାରବାର ଲକ୍ଷ୍ୟ ୫୦% ହେବ। ୭୦୦ ସମ୍ପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ



ଓପିଏଚଡବ୍ଲୁସିକୁ ମଧ୍ୟ ଲକ୍ଷ୍ୟ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବାକୁ ଓପିଏଚଡବ୍ଲୁସିକୁ ପରାମର୍ଶ ଦିଆଯାଇଛି।

ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ

ରବିବାର, ୯ ଫେବୃଆରୀ, ୨୦୨୫


## ଧର୍ମକୁ ଆଖିଠାର

ନକଲି ବା ଭେଜାଲ ବେପାରରେ ଏତେ ଲାଭ ଯେ ଏଥିରେ ଯିଏ ଥରେ ପଶିଛି ସେ ଏହାର ମୋହ ଛାଡ଼ିପାରୁନି। କାଁ ଭାଁ କିଏ କେମିତି ଧରାପଡ଼ି କିଛି ଦିନ ପାଇଁ ଜେଲ ଯାଉଛନ୍ତି, ପୁଣି ଜେଲରୁ ବାହାରି ପୂର୍ବ ପରି ଭେଜାଲ କାରବାର ଚଳାଉଛନ୍ତି। କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍‍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ।

## 'କୋଟା'ର କଣ୍ଟା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

*“ ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।*

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' – ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣଙ୍କୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଦ୍ରୁତ ଗତିରୁ ହିଁ ବଢ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ୍ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭



ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ମେଗା ପ୍ଲେସ ମେଣ୍ଟ ଡ୍ରାଇଭ୍, ୬ ଟି କମ୍ପାନୀ ଯୋଗଦେଲେ

ରାଜଗାଙ୍ଗପୁର (ମହାଭାରତ ) ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଓଛଇଉ ଶାଖା ଓ ନନ୍ଦି ଫାଉଣ୍ଡେସନ - ମହିନ୍ଦ୍ରା ପ୍ରାଇଡ କ୍ଲାସର ମିଳିତ ଉଦ୍ୟମରେ ଆଜି ଏକ ମେଗା ପ୍ଲେସମେ□ ଡ୍ରାଇଭ୍ ଆୟୋଜିତ ହୋଇଥିଲା ।ମହାବିଦ୍ୟାଳୟର ଅଧକ୍ଷା ଡ଼ ସସ୍ମିତା ଲେଙ୍କା ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ ଛାତ୍ରୀ ଯୋଗଦାନ କରିଥିଲେ । ଅଧକ୍ଷା କମ୍ପାନୀ କର୍ମଚାରୀମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଓଛଇଉ ସଂଯୋଜକ ଶ୍ରୀଯୁକ୍ତ ସପନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ନନ୍ଦି ଫାଉଣ୍ଡେସନର ପୂର୍ବ ଏବଂ ଉ□ର - ପୂର୍ବ ପରିଚାଳକ ଦେବନାଥ ବରାଳ, ଅଧିକାରୀ ଗୌରବ ପ୍ରକାଶ ଓ ମୁନମୁନ ସିଂହ ଚୟନ ପ୍ରକ୍ରିୟାର ଦିଗ ଉପରେ ଆଲୋଚନା କରିଥିଲେୟ ଏହି ମେଗା ପ୍ଲେସମେଣ୍ଟ ଡ୍ରାଇଭ୍ ରେ ୬ ଟି କମ୍ପାନୀର ମାନବ ସମ୍ବଳ ଅଧିକାରୀ ମାନେ ଜଣେ ଜଣେ କରି ସେମାନଙ୍କର ଫାଉଣ୍ଡେସନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ପ୍ଲେସମେ□ ଡ୍ରାଇଭରେ ନନ୍ଦୀ ଫାଉଣ୍ଡେସନ, କଳିଙ୍ଗ ମାର୍କେଟିଂ ପ୍ରାଇଭେଟ ଲିମିଟେଡ଼ , ୱେବ ରେକର୍ଡ , ଲାଇଟ କେରିୱାର ସଲୁସନ, ଏବଂ ସିଆରପିଏଲ ଇତ୍ୟାଦି କମ୍ପାନୀ ଅଂଶ ଗ୍ରହଣ କରିଥିଲାୟ ୩୦୦ ରୁ ର୍ଦ୍ଧ୍ୱ ସ୍ନାତକ ଏବଂ ସ୍ନାତକୋ□ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟର ଓଛଇଉ ସଦସ୍ୟମାନଙ୍କୁ ନନ୍ଦୀ ଫାଉଣ୍ଡେସନ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। କ୍ୟାରିଅର କାଉନସେଲିଂ ସଦସ୍ୟା ଅଧାପିକା ବିକାଶ ଲତା ସୋରେଙ୍ଗ ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଛଇଉର ସମସ୍ତ ସଦସ୍ୟା ସମେତ ସ୍ନାତକ ଏବଂ ସ୍ନାତକୋ□ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

## ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ, ରୋଗୀସେବା ବ୍ୟାହତ

ଚମ୍ପୁଆ(ମହାଭାରତ):ଦୁଇଦିନ ହେବ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ଲାଗି ରହିଥିବାବେଳେ ଏହି ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଉନଥିବା ପରିଲକ୍ଷିତ ହୋଇଛି। ଚମ୍ପୁଆ ଉପଖଣ୍ଡ ଡାକ୍ତର ଖାନାରେ ଦୀର୍ଘ ଦୁଇ ବର୍ଷ ହେବ ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ ନିୟମିତ ଡାକ୍ତର ନଥିବା ବେଳେ ଡେପୁଟେସନରେ ଡାକ୍ତର କେନ୍ଦୁଝର ଓ ଅନ୍ୟ ଡାକ୍ତରଖାନାରୁ ଆସି ରୋଗୀ ସେବା କରୁଛନ୍ତ। ତେବେ ଗତ ଦୁଇ ଦିନ ହେବ ଏଠାକୁ ଡେପୁଟେସନରେ ଥିବା ଡାକ୍ତର ଆସୁନ ଥିବା ଯୋଗୁଁ ରୋଗୀ ସେବାରେ ବ୍ୟାହତ ସୃଷ୍ଟି ହୋଇଛି ।ସୂଚନାଯୋଗ୍ୟ ଯେ ଚମ୍ପୁଆ ଉପଖଣ୍ଡ ଡାକ୍ତର ଖାନାରେ ଚମ୍ପୁଆ ଉପଖଣ୍ଡ ସହିତ ଝାଡଖଣ୍ଡ ମୟୁରଭଞ୍ଜର ଶହ ଶହ ରୋଗୀ ନିର୍ଭର କରିଥାନ୍ତି। ଏହି ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୨୦ ଶଯ୍ୟା ରହିଥିବା ବେଳେ ଗରିବ ରୋଗୀଙ୍କ ପାଇଁ ଏକ ୬ ଶଯ୍ୟା ବିଶିଷ୍ଟ ମା' ଗହ ରହିଛି। ଏଠାରେ ଦୁଇଟି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ପଦବୀ ରହିଥିବା ବେଳେ ଦୀର୍ଘ ଦୁଇବର୍ଷ ରୁ ଅଧିକ ହେବ ଏହି ପଦବୀ ଖାଲି




ପଡ଼ିଛି। ଦୈନିକ ପାଳିରେ ଡେପୁଟେସନରେ ଅନ୍ୟ ଡାକ୍ତର ଖାନାରୁ ଡାକ୍ତର ଆସି ଏଠାରେ ସେବା ଯୋଗାଉଛନ୍ତି ।ଗତ ଦୁଇଦିନ ହେବ ଏହି ଡାକ୍ତରଖାନାକୁ ସ୍ତ୍ରୀ ଏବଂ ପ୍ରସୂତି ବିଭାଗ ଡାକ୍ତର ଆସୁନାହାନ୍ତି। ଫଳରେ ଏହି ଡାକ୍ତରଖାନାରେ ରୋଗୀସେବା ବ୍ୟାହତ ହୋଇଛି। ଦୈନିକ ଗର୍ଭବତୀ ମହିଳା, ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପ୍ରସୂତିକାଳୀନ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ଜିଲା ତଥା ରାଜ୍ୟସରକାରଙ୍କୁ ଆମେ ଏ ସମ୍ବନ୍ଧରେ ଅବଗତ କରିଛୁ ବୋଲି ଉପଖଣ୍ଡ ଅଧୀକ୍ଷକ ଡା.ଉମାକାନ୍ତ ସାହୁ ପ୍ରକାଶ କରିଛନ୍ତ।

## ମାଁ ସୁନା ପ୍ରତିମା ଓ ମାଁ କଳାବାନ୍ଦ୍ରୀ ପୂଜା ଉପଲକ୍ଷେ ପୌରାଣିକ ନାଟକ

କନ୍ଧମାଳ:(ମହାଭାରତ): ଓଡ଼ିଶାରେ ବାରମାସରେ ତେର ପର୍ବ ସେଥି ମଧ୍ୟରୁ ଆଦିବାସୀ କୁଇ ପୂଜା ପଦ୍ଧତି ଓ ପରମ୍ପରା ଏକ ନିଆରା ସେମାନେ ପ୍ରକୃତି ପୂଜକ ଧରିତ୍ରୀ, ପାଣି ପ୍ରକୃତିକୁ ଭଲ ପାଆନ୍ତି ଆଦିବାସୀ ମାନେ ତେଣୁ ସେମାନେ ମାଟି ପୂଜା ,ପର୍ବତ ପୂଜା,ଟାଣାପେନୁ,ସରୁପେନୁ ପରି ବହୁତ ଦେବା ଦେବୀଙ୍କ ପୂଜା କରିଥାନ୍ତି । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀ ପଡା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତର ଝାମ୍ପି , ଲମ୍ବା ବାଡି ଠାରେ ମାଁ ସୁନା ପ୍ରତିମା ଦେବୀ ଝାମ୍ପି ଓ ମାଁ କଳାବାନ୍ଦ୍ରୀ ଦେବୀ ଲମ୍ବା ବାଡିରେ ଠାରେ ପୂଜା କରାଯାଇଥିଲା । ଏହି ପୂଜା ଉପଲକ୍ଷେ ଉଭୟ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଭୟ ଗ୍ରାମରେ ଗୁରୁବାର ଦିନ ମାଁଙ୍କ ପୀଠରେ ପୂଜା କରାଯାଇଥିଲା । ଭକ୍ତ ମାନେ ମାଁଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଭିଡ ହୋଇ ମାଁ ଦର୍ଶନ କରି ଥିଲେ । ତା'ପରେ ଶୁକ୍ରବାର ଦିନ ସାଂସ୍କୃତିକ




କାର୍ଯ୍ୟକ୍ରମ ପରିବେଷଣ ଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଜୁରୀ ପଡା ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ , ପୂର୍ବତନ ଖଜୁରୀ ପଡା ବିଜେପି ମଣ୍ଡଳ ସଭାପତି ଦଶରଥ ସାହୁ , ବିଜେପି କର୍ମୀ ରୋହିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ଯ ଝାମ୍ପି ଗ୍ରାମରେ ପୌରାଣିକ ନାଟକ ରାବଣ ଜନ୍ମ ମଞ୍ଚସ୍ଥ ହୋଇ ଥିବା ବେଳେ ଲମ୍ବା ବାଡି ଗ୍ରାମରେ ଯାତ୍ରା ଶ୍ରୀ କୃଷ୍ଣ ଲମ୍ବାବାଡି ତରଫରୁ ଦାନବର ବଳିଦାନ ବା କୃଷ୍ଣ ମେଧ ଯଜ୍ଞ ନାଟକ ପରିବେଷଣ କରାଯାଇଥିଲା । ଏଥିରେ ଅଞ୍ଚଳର ଲୋକମାନେ ନାଟକ ଗୁଡ଼ିକୁ ମନଭରି ଉପଭୋଗ କରିଥିଲେ।

## ମାଟି ତଳୁ ମୃତ ଦେହ ଉଦ୍ଧାର; ହତ୍ୟା ସନ୍ଦେହ ପୁଲିସର ତଦନ୍ତ ଜାରି

କୋକସରା,(ମହାଭାରତ) : କୋକସରା ବ୍ଲକ ଆମପାଣି ଥାନା ମୁଗୁନାପଦର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ପୋତା ଯାଇଥିବା ଶବକୁ ପୁଲିସ ମାଟି ଭିତରୁ କାଢ଼ିଛି। ଏବଂ ହତ୍ୟା ସନ୍ଦେହ କରି ପୁଲିସ ମୃତକଙ୍କ ସ୍ତ୍ରୀ, ପୁଅ ଓ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖିଥିବାବେଳେ ବଡ଼ ପୁଅ ଫେରାର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ମୁଗୁନାପଦର ଗ୍ରାମର ଯଦୁ ଦଳପତି(୫୦)ଙ୍କୁ ତାଙ୍କ ପରିବାର ଲୋକେ ସ୍ୱାଭାବିକ ମୃତ୍ୟୁ ଦର୍ଶାଇ କାହାକୁ କିଛି ନ ଜଣାଇ ଘର ନିକଟସ୍ଥ ବାଡ଼ି ଭିତରେ ପୋତି ଦେଇଥିଲେ। ଏ ସମ୍ପର୍କରେ ଶନିବାର ଆମପାଣି ଥାନା ପୁଲିସ ଖବର ପାଇବା ପରେ ଥାନା ଅଧିକାରିଣୀ ବିଜୟ ଲକ୍ଷ୍ମୀ ହିକୋକା ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ପରିବାର ଲୋକଙ୍କୁ ପଚରାଉଚରା ସହ ବିଭିନ୍ନ ଦିଗକୁ ତଦନ୍ତ କଲାପରେ ହତ୍ୟା ସନ୍ଦେହ କରିଥିଲେ।ଏହାପରେ ମୃତକଙ୍କ ସ୍ତ୍ରୀ, ସାନପୁଅ ଓ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଅନ୍ୟପଟେ ମୃତକଙ୍କ ବଡ଼ପୁଅ ଫେରାର ହୋଇଥିବା ଜଣାପଡିଛି। ପୁଲିସ କହିବା ଅନୁଯାୟୀ ପାରିବାରିକ କଳହ କାରଣରୁ ଯଦୁଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ଏବଂ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ କରାଯାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ଉପସ୍ଥିତିରେ ମାଟି ଭିତରୁ ଶବ କଢ଼ାଯାଇ କୋକସରା ମେଡିକାଲର ଡାକ୍ତର ଉମାକାନ୍ତ ଶବର ଓ ଦେବେନ୍ଦ୍ର ମାଝୀଙ୍କ ଦ୍ୱାରା ଘଟଣା ସ୍ଥଳରେ ହିଁ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ତେବେ ଆମପାଣି ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଚୋରା ମାଙ୍ଗାନିଜ ବୋଝେଇ ପିକ୍ ଅ ପ କୁ ଜବତ କଲା ବନ ବିଭାଗ



ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ବିଲେଇ ପଦା ଫରେଷ୍ଟ ସେକ୍ସନ ର ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ର ରାଇକ ଠାରୁ ବନ ବିଭାଗ ଏକ ଚୋରା ମାଙ୍ଗାନିଜ ବୋଝେଇ ପିକ ଅପ ଭ୍ୟାନ କୁ ଜବତ କରିଛି । ଏହି ଖଣି ଅଞ୍ଚଳ ରେ ଦେଖିବାକୁ ମିଳୁଛି ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି ଜେତେ ଧରାପଡ଼ି ଲେବି କମିବାର ନାଁ ନାନେଉନି ଏହି ପିକପ୍ ଭ୍ୟିନ୍ ରେ ସଂପୃକ୍ତ ଥିବା ତିନି ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି ବନବିଭାଗ । ମିଳିଥିବା ସୂଚନା ଅନୁଯାୟୀ,ବଡ଼ବିଲ ରେଞ୍ଜର ସଞ୍ଜୀବ କୁମାର ରାଉତ ଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱସ୍ତ ସୂତ୍ରରୁ ଉକ୍ତ ଜଙ୍ଗଲ ରେ ଚୋରା ଖଣିଜ ଚୋରା ଚାଲାଣ ହେଉଥିବା ନେଇ ଖବର ପାଇ ଶନିବାର ଭୋର୍ ସମୟରେ ବିଲେଇ ପଦା ଫରେଷ୍ଟର ମୋହିନୀ ମହାନ୍ତ,ଯୋଡା ଫରେଷ୍ଟର ତ୍ରିନାଥ ଜେନା, ନାଲଦା ଫରେଷ୍ଟର ନିରଞ୍ଜନ ସେଠୀ ସଦଳବଳେ ଚଢାଉ କରିଥିଲେ ।ଚଢାଉ ସମୟରେ ଚୋରା ମାଙ୍ଗାନିଜ ବୋଝେଇ ପିକ ଅପ ଭ୍ୟାନ ନଂ ଜେଏଚ୍ ସି ସି ୩୯୪୯ କୁ ଜବତ କରି ବାରେ ସକ୍ଷମ ହୋଇଥିଲେ ।ଏହି କାରବାର ରେ ସଂପୃକ୍ତ ଝାଡ଼ଖଣ୍ଡ ଅଞ୍ଚଳ ର ସମ୍ଭୁ ଦାସ , ଯୋଡା କଳା ପାହାଡ଼ ଅଞ୍ଚଳ ର ଶମ୍ଭୁ ବାହାଦୁର ଓ ଟୁନୁ ପାତ୍ର ଙ୍କୁ ଗିରଫ କରିଥିଲେ ।ପିକ ଅପ ଭ୍ୟାନରେ ପ୍ରାୟ ୧.୫ମେଟ୍ରିକ୍ ଟନ୍ ରୁ ଉର୍ଦ୍ଧ୍ୱ ମାଙ୍ଗାନିଜ ବୋଝେଇ ହୋଇଥିଲା ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ର ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏ ନେଇ ଓ ଆର୍ କେସ ନଂ ୧୧ ବି ଏଲ ୨୦୨୪-୨୦୨୫,ବଡ଼ବିଲ ରେଞ୍ଜ ରୁଜୁ କରାଯାଇ ଥିବା ବନ ବିଭାଗ ସୂଚନା ଦେଇଛି ।

## ଗୋଟିଏ ନଳକୂପ ଉପରେ ୨୦ ପରିବାରର ଭରସା

### ଟୋପାଏ ପିଇବା ପାଣି ପାଇଁ ହନ୍ତସନ୍ତ ଗାନିପଡ଼ା ସାହି ବାସିନ୍ଦା

ଘୁ.ଉଦୟଗିରି: ଆଗକୁ ଗ୍ରୀଷ୍ମ ଋତୁ। ପ୍ରବଳ ଖରାକୁ ପାଣି ସମସ୍ୟା ଅଧିକ ଜଟିଳ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହେଲେ ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ନକରି ହାତ ଯୋଡି ବସିଥିବା ବେଳେ ଗ୍ରାମା□ଳରେ ଲୋକେ ଟୋପାଏ ପିଇବା ପାଣି ପାଇଁ ହନ୍ତସନ୍ତ ହେବା ଦୃଶ୍ୟ ଦେଖିବାକୁ ମିଳିଲାଣି।ଏହିଭଳି ଦୃଶ୍ୟ କନ୍ଧମାଳ ଜିଲ୍ଲା କନୁଆଗାଁ ବ୍ଲକ୍ ଅନ୍ତର୍ଗତ ସାଇନପଡ଼ା ପଞ୍ଚାୟତ ଗାନିପଡ଼ା ସାହିରେ ଦେଖିବାକୁ ମିଳିଛି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ଏହି ସାହିରେ ରହୁଥିବା ବେଳେ ମାତ୍ର ଗୋଟିଏ



ନଳକୂପ ଏବଂ ଗୋଟିଏ କୂଅ ରହିଛି ।କୂଅରେ ବର୍ଷ ତମାମ ପାଣି ରହୁ ନଥିବା ଯୋଗୁ ସମସ୍ତ ସାହି ବାସିନ୍ଦା ଗୋଟିଏ ନଳକୂପ ଉପରେ ଭରସା କରୁଛନ୍ତି । ଯାହାକି ସମୁଦ୍ରକୁ ଶଙ୍ଖେ ଭଳି ମନେହେଉଛି। ଫଳରେ ଗାନିପଡ଼ା ସାହିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ପାଣି ବୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ବର୍ଷ ବର୍ଷ ଧରି ସାହିରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଦାବି କରିଥିଲେ ମଧ୍ୟ ଆଜିଯାଏଁ ସମାଧାନ ହୋଇପାରୁ ନଥିବା କହିଛନ୍ତି ଗ୍ରାମବାସୀ ।ତେଣୁ ସାହିରେ ଏକ ନୂତନ ନଳକୂପ କିମ୍ବା ସୋଲାର ପମ୍ପ ପ୍ରକଳ୍ପ ନିର୍ମାଣ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ରାଜନ୍ତି ସାହୁ, ରାଇମତି ପ୍ରଧାନ, ଲକିନା ସାହୁ, ଲକ୍ଷ୍ମୀ ପ୍ରଧାନ, ରିତା ସାହୁ, ଜଛନା ସାହୁ, ସୁକୁଲା ସାହୁ, ରମେଶ ପ୍ରଧାନ, ଜାନୁ ସାହୁ,ସହ ଗାନିପଡ଼ା ସାହି ବାସିନ୍ଦା ଦାବି କରିଛନ୍ତି ।

## ବିଦ୍ୟାଳୟ ସାମଗ୍ରୀ ଚୋର ଙ୍କୁ ବ୍ରାଉନସୁଗାର ସହିତ କାବୁ କଲା ପୋଲିସ



ଅସ୍ତରଙ୍ଗ(ମହାଭାରତ) - କାକଟପୁର ପୋଲିସ କୁ ମିଳିଛି ବଡ଼ ସଫଳତା, ଗତମାସ ୧୭ ତାରିଖ ରେ ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଓସ୍ତପୁର ପ୍ରାଥମିକ ବିଦ୍ୟାଳୟ ପରିସରରୁ ଲକ୍ଷାଧିକ ଟଙ୍କା ର ସାମଗ୍ରୀ ଚୋରୀ ହୋଇଥିଲା, ଯାହାକୁ ନେଇ ବିଦ୍ୟାଳୟ ତରଫରୁ କାକଟପୁର ଥାନା ରେ ଅଭିଯୋଗ ହୋଇଥିଲା, ଏହାର ୧୫ ଦିନ ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା ବିଦ୍ୟାଳୟ ନିକଟରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ।ଏହି ଘଟଣା କ୍ରମାନ୍ୱୟ ରେ ଘଟିବାରୁ କାକଟପୁର ପୋଲିସ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ଓସ୍ତପୁର ନଦୀବନ୍ଧ ଉପରୁ ବ୍ରାଉନସୁଗାର ସହିତ ୨ ଯୁବକ ଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି, ତାଙ୍କ ପାଖରୁ ୫. ୫ମିଗ୍ରାମ ର ବ୍ରାଉନସୁଗାର ସହିତ ୨ ଗୋଟି ମୋବାଇଲ ଫୋନ ପୋଲିସ ଜବତ କରିଛି। ଏହି ଯୁବକ ୨ ଜଣ ପୋଲିସ ହାତରେ ଧରାପଡିବା ପରେ ଜିଉଁନ୍ତି ନିକଟରେ ରାସ୍ତା ପାର୍ଶ୍ୱ ରେ ଶୁକ୍ରବାର ଦିନ ସକାଳୁ ବିଦ୍ୟାଳୟ ସାମଗ୍ରୀ ଫିଙ୍ଗାହୋଇଥିବା ଦେଖିବାକୁ ମିଳିଥିଲା, ଆଉ ଏହି ୨ ଜଣଙ୍କୁ ପଚରାଉଚରା କରିବା ପରେ ସେମାନେ ଏହି ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ଚୋରୀ ସହିତ ଜଡିତ ଅଛନ୍ତି ବୋଲି ସ୍ୱୀକାର କରିଛନ୍ତି। ଆଉ ଏହି ଚୋରି ପଛରେ ଆଉ କିଛି ସହଯୋଗୀ ଅଛନ୍ତି ବୋଲି ପୋଲିସ କୁ ସୂଚନା ଦେଇଛନ୍ତି। ଏହାପରେ ଭାରତୀୟ ନ୍ୟାୟ ସହିନ୍ତା ଅନୁଯାୟୀ ଏନଡିପିଏସ ଆକ୍ଟ ୨୧/ବି, କେଶ ନମ୍ବର ୨୮/୨୫ ରେ ଯୁବକ ୨ ଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ନିମାପଡା କୋର୍ଟ ଚାଲାଣ କରାଯାଇଛି। ଯୁବକ ୨ ଜଣଙ୍କ ପରିଚୟ ଓସ୍ତପୁର ଗ୍ରାମ ର ବିଭୁତି ସେନାପତି (ଭୂପତି )୩୧, ନିକଟ ଗ୍ରାମ ଖଣ୍ଡାସାହି ର ରାଜେଶ ବିଶ୍ୱାଳ (୩୧), ଯାହାକୁ ନେଇ କାକଟପୁର ଥାନା ଅଧିକାରୀ ଉମେଶ ସାହୁ ସାମ୍ବାଦିକ ସମ୍ମିଳନୀ ଡକାଇ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

## ଦିଲ୍ଲୀ ରେ ବିଜେପି ର ବିଜୟ କୁ ନେଇ ଗୁଣୁପୁର ବିଧାନସଭା ବିଜେପି ର ଖୁସି ର ମାହୋଲ



ଗୁଣୁପୁର(ମହାଭାରତ): ଚଳିତ ଦିଲ୍ଲୀ ନିର୍ବାଚନ ରେ ସତୁରି ଆସନ ରୁ ଭାରତୀୟ ଜନତା ପାର୍ଟି ୪୮ ଆସନ ରେ ବିଜୟ ହୋଇଥିବା ବେଳେ ଆପ୍ ସରକାର ୨୨ ଆସନ ଆସିଥିବାବେଳେ ଓ କଂଗ୍ରେସ କୌଣସି ଖାତା ଖୋଲିନଥିବା ବେଳେ ଦିଲ୍ଲୀ ରେ ସତ୍ତା ହରାଇଛି। ଫଳରେ ଆଜି ଆପ୍ ସରକାର ଓ କଂଗ୍ରେସ ର ଆକଳନ ଭୁଲ ପ୍ରମାଣିତ ହୋଇଛି।ଏହି ଖୁସି ରେ ଆଜି ଗୁଣୁପୁର ବିଧାନସଭା ଭାରତୀୟ ଜନତା ପାର୍ଟି ତରଫରୁ ଗୁଣୁପୁର ବାଇପାସ ଛକ ଠାରେ ଶତାଧିକ ବିଜେପି କର୍ମୀ ଖୁସିରେ ବାଣ ଫୁଟେଇ ମିଠା ବାଣ୍ଟି ଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ଉଦୟ ପାଢ଼ୀ ଯୁବ ନେତା,ଜଗଦୀଶ ପଣ୍ଡା, ବଦ୍ରି ମହାନ୍ତି କୀର୍ତ୍ତି କୁମାର ପଣ୍ଡା ( ଟିଙ୍କୁ) ଶ୍ରଦ୍ଧାପଣ୍ଡା ପ୍ରମୋଦ ସାହୁ ମୁଖି ଦିବାକର ସନ୍ତୋଷ ପାଣିଗ୍ରାହୀ ଶାନ୍ତନୁ ପାଣିଗ୍ରାହୀ ଦିଲୀପ ନାଗବଂଶ , ସମାଜସେବୀ ପିଙ୍କି ମହାପାତ୍ର,ବରିଷ୍ଠ ବିଜେପି ନେତା ଜଗଦୀଶ ପାତ୍ର,ଖଘ ପାଢ଼ୀ,ନୀଳକଣ୍ଠ ମହାପାତ୍ର, ଜୟଦେବ ପଣ୍ଡା,ସନ୍ତୋଷ ପାଣିଗ୍ରାହି,ମୁଖୀ ଦିବାକର, ଶ୍ରଦ୍ଧା ରଞ୍ଜନ ପଣ୍ଡା,ବାବାଜୀ ଭାଇ,ପଦ୍ମ ରଞ୍ଜନ ପଣ୍ଡା,ନାନାଜୀ ବାଉରୀ, ପ୍ରଶାନ୍ତ ଗୌଡ଼, ଜୋନାଲି ଶବର,କୃପାସିନ୍ଧୁ ଶବର,ସମେସ ମିଶାଲ,ନନ୍ଦୁ ଶବର, ଅକ୍ଷୟ ରଥ,ଗାୟନ ଭାଇ,ପ୍ରମୁଖ ଯୋଗ ଦେଇ ଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଋତୁବାନ୍ଧବି ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା



ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ସେରେଣ୍ଡା ପଞ୍ଚାୟତ ଅଧୀନ ତୁଳସୀ ମୁଣ୍ଡା ଆଦିବାସୀ ଆବାସିକ ବିଦ୍ୟାଳୟ ପରିସରରେ ଶନିବାର ସକାଳ ସମୟରେ ପିନକ୍ଷୀ ଫାଉଣ୍ଡେସନ ସହ ଏସ ଏସ ହସ୍ପିଟାଲ ସହଯୋଗରେ ଋତୁବାନ୍ଧବି ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ଛାତ୍ରୀ ମାନଙ୍କୁ ମାସିକ ଋତୁସ୍ରାବ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁସ୍ମିତା ସାହୁ ଯୋଗ ଦେଇ ଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। ଏହି କର୍ମଶାଳାରେ ବିଦ୍ୟାଳୟ ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିଦ୍ୟାଳୟ ପରିଚାଳନା ସଭାପତି ଦମୟନ୍ତୀ ସାମଲ, ଇଂ ସୁବାଷ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ବିଶେଷଜ୍ଞ ଡାକ୍ତର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋଚନା କରିବା ପରେ ଋତୁସ୍ରାବ ଜନିତ ଅନିୟମିତତା, ଏହାର କାରଣ ସହ ଏଥିନେଇ ରହିଥିବା ଅନ୍ଧ ବିଶ୍ୱାସ ଏବଂ ସ୍ୱାସ୍ଥ୍ୟ ସମସ୍ୟା, ପ୍ୟାଡର ବ୍ୟବହାର ଆଦି ନେଇ ବିସ୍ତୃତ ଭାବେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଛାତ୍ରୀ ମାନଙ୍କୁ ସନ୍ତୁଳିତ ଖାଦ୍ୟ,ବିଶ୍ରାମ ଏବଂ ଉପଯୁକ୍ତ ଜୀବନଶୈଳୀ ଦ୍ୱାରା କିଭଳି ଜଣେ ସ୍ୱାସ୍ଥ୍ୟବାନ ହୋଇ ପାରିବେ ସେଥିନେଇ ଛାତ୍ରୀ ମାନଙ୍କୁ ଡାକ୍ତର ସୁସ୍ମିତା ସାହୁ ବୁଝାଇଥିଲେ। କର୍ମଶାଳାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଋତୁବାନ୍ଧବି ଅନୁଷ୍ଠାନର ସୁକାନ୍ତ ପଣ୍ଡା ଓ କାହ୍ନୁ ଚରଣ ନାଏକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

## ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ୭୭ ତମ ଅବିଭକ୍ତ ଗଞ୍ଜାମ ଜିଲ୍ଲା ଭକ୍ତସମ୍ମିଳନୀ ଅନୁଷ୍ଠିତ



- ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ପଞ୍ଚାୟତର ଗୁରାଣ୍ଡି ଗ୍ରାମରେ ଥିବା ବଡ଼ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଶ୍ରୀ ୧୦୮ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ସପ୍ତବିଧାନ ଅନୁଯାୟୀ ଅଭିଭକ୍ତ ଗଞ୍ଜାମ ଜିଲ୍ଲା ୭୭ ତମ ଜିଲ୍ଲା ଭକ୍ତ ସମ୍ମିଳନୀ ତିନି ଦିନ ଧରି ଅନୁଷ୍ଠିତ ହେଉଅଛ। ପ୍ରଥମ ଦିନରେ ଠାକୁର ମହାରାଜାଙ୍କୁ ସୁସଜ୍ଜିତ ରଥରେ ସଜ୍ଜିତ କରି ଭକ୍ତଙ୍କ ସହ ଗୁରାଣ୍ଡି ଗ୍ରାମ ପରିକ୍ରମା ପରେ ଠାକୁର ମହାରାଜାଙ୍କୁ ପୂଜା ମଣ୍ଡପକୁ ଅଣାଯାଇ ପ୍ରତୀକ୍ଷା ଆବାହନି ସଙ୍ଗୀତ ଗାନ ପରେ ଧୂପ ଦୀପ ମଙ୍ଗଳ ଆଳତୀ କରାଯାଇଥିଲା ।ଶଙ୍ଖ ଘଣ୍ଟା ଖୋଳ କରତାଳ ସହ ଜୟଗୁରୁ ଧ୍ୱନିରେ ମଣ୍ଡପ ପ୍ରକମ୍ପିତ ହେଉଥିଲାୟସ୍ତବ ସ୍ତୋତ୍ର ପାଠ ପରେ ଜୟଗୁରୁ ମହାନାମ ସହ ପ୍ରଥମ ଦିନର ପୂଜା ସମାପ୍ତ ହୁଏୟ ଦ୍ୱିତୀୟ ଦିନରେ ପ୍ରାତଃରୁ ପ୍ରଭାତୀ ଗାନ ପରେ ନିରାଜନା ସକାଳ ଧୂପ ଆଳତୀ ଭଗବତ ଗୀତା, ସପ୍ତଚଣ୍ଡୀ ପାଠ ପରେ ସଭା ସମାପ୍ତ କରାଯାଇଥିଲା।ଏହାପରେ ଠାକୁରଙ୍କୁ ମଣ୍ଡପକୁ ଅଣାଯାଇ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୁଏ ପ୍ରଥମେ ଠାକୁରଙ୍କ ବାଣୀପାଠ, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଙ୍ଘଶକ୍ତିର ପ୍ରତିଷ୍ଠା ଉପରେ ଭାଇମାନେ ନିଜର ବକ୍ତବ୍ୟ ରଖିଥିଲେୟ ଆସାମ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ମହାରାଜା ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ତ୍ରି ଦିବସିୟ ଭକ୍ତ ସମ୍ମିଳନୀରେ ଗଜପତି ଓ ଗଞ୍ଜାମ ଜିଲ୍ଲାର ଶତାଧିକ ଭକ୍ତ ଯୋଗ ଦେଇଛନ୍ତି ଗୁରାଣ୍ଡି ସଙ୍ଘ ତରଫରୁ ସଙ୍ଘ ସମ୍ପାଦକ ନୀଳମଣି ପାତ୍ର ଭାଇ,ଘାସି ରାମ ପ୍ରଧାନ ଭାଇ ,ପୁରୀ ବିଭାଗୀୟ ସଦସ୍ୟ ଭୁବନେଶ୍ୱର ଭାଇ, ଜିତେନ୍ଦ୍ର ଭାଇ,ଜିଲ୍ଲା ସଦସ୍ୟ ହରିହର ଭାଇ ଭାଇ ଲିଙ୍ଗରାଜ ଭାଇ,ଗୋବିନ୍ଦ ଭାଇ, ଜଗଦୀଶ ଭାଇ,ରୂପେଶ ଭାଇ, ବିବେକ ଭାଇ,ନରସିଂହ ଆଚରି ଭାଇ ଉପସ୍ଥିତ ଥିଲେ ।ସମସ୍ତ ଓ ଭାଇ ମାନଙ୍କ ସହଯୋଗରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି।

## ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଶିକ୍ଷା ପରିଭ୍ରମଣ

ଆର -ଉଦୟଗିରି (ମହାଭାରତ): ରିଖ ଶନିବାର ଦିନ ଜିଲ୍ଲା ଶିକ୍ଷାଧିକାରୀ ଡା ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲାର ସାତୋଟି ବ୍ଲକର ପ୍ରାୟ ୧୦୦ ଛାତ୍ର ଛାତ୍ରୀ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ ଆମ୍ପୁଲ ରବିକୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ପରିଭ୍ରମଣ ନିମନ୍ତେ ମୋହନା ବ୍ଲକ ଅନ୍ତର୍ଗତ ଜିରାଙ୍ଗ ବୌଦ୍ଧ ମନ୍ଦିର ପରିଦର୍ଶନ କରିଥିଲେ । ଛୋଟ ଛୋଟ କୋମଳମତି ଛାତ୍ର ଛାତ୍ରୀ ମାନେ ବୌଦ୍ଧ ମନ୍ଦିରର କଳାକୃତି, ଭଗବାନ ବୁଦ୍ଧଙ୍କର ତତ୍ତ୍ୱ, ଜଳାଶୟ, ଖସଡ଼ା ଜଳପ୍ରପାତରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଡୁମ୍ବାର ଶିଶୁ ବାଟିକାରେ ମନ ମୁଗ୍ଧକର ଦୃଶ୍ୟ ଉପଭୋଗ କରିଥିଲେ। ସ୍ଥାନୀୟ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ବିଦ୍ୟାଳୟର ସୁନ୍ଦର ପରିବେଶ ମଧ୍ୟରେ ପିଲାମାନେ ସୁସ୍ୱାଦୁକର ଭୋଜନ ଖାଇଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଟି ବସରେ ସାତୋଟି ବ୍ଲକର ୧୦୦ ଜଣ ଛାତ୍ର ଛାତ୍ରୀ ପ୍ରାୟ ୨୦ ଜଣ ମାର୍ଗଦର୍ଶକ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଏତଦ ବ୍ୟତୀତ ମହେନ୍ଦ୍ରଗଡ଼ ହାଇସ୍କୁଲ ତରଫରୁ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକଙ୍କ ସମେତ ସମସ୍ତ ଶିକ୍ଷକ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ। ଏହାଦ୍ୱାରା ଛାତ୍ର ଛାତ୍ରୀ ମାନେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା।

# ପାରାଦୀପ ବନ୍ଦର ପରିଦର୍ଶନ କଲେ ରାଜ୍ୟପାଳ


## ପାରାଦୀପ ବନ୍ଦର ପକ୍ଷରୁ ଭବ୍ୟ ସ୍ୱାଗତ



ପାରାଦୀପ(ମହାଭାରତ) ଓଡିଶାର ମହାମହିମ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ଶୁକ୍ରବାର ଦିନ ପାରାଦୀପ ବନ୍ଦର ପରିଦର୍ଶନ କରିଥିଲେ । ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି.ଏଲ.ହରନାଦ ମହାମହିମ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ସିଆଇଏସଏଫ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପାରାଦୀପ ବନ୍ଦର ପୋତାଶ୍ରୟ ଅଂଚଳରେ ପହଂଚିବା ପରେ ମେରାଇନ ବିଭାଗ ବୋଟ୍‌ରେ ପୋତାଶ୍ରୟ ଅଂଚଳ ବୁଲିବା ସହିତ ଜାହାଜରେ ପଣ୍ୟ ବୋଝେଇ କାର୍ଯ୍ୟ ଦେଖିଥିଲେ । ବନ୍ଦର ପ୍ରଶାସନିକ ଭବନ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପାରାଦୀପ ବନ୍ଦରତ ଭି□ଭୂମିର ବିକାଶ, ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ । ବିଭାଗୀୟ ଅଧିକାରୀମାନେ ବନ୍ଦର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ

### ଛାତ୍ରଛାତ୍ରୀମାନେ ଚାପମୁକ୍ତ ହେଲେ ସୁନ୍ଦର ପୃଥିବୀ ଦେଖି ପାରିବେ: ବାଚସ୍ପତି




ପାରାଦୀପ(ମହାଭାରତ) ନିଜର ଲକ୍ଷ୍ୟ ପୂରଣ କରିବା ପାଇଁ ଶ୍ରେଷ୍ଠ ବ୍ୟକ୍ତିଙ୍କ ପ୍ରେରଣା ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ବୋଲି ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ । ଛାତ୍ରଛାତ୍ରୀମାନେ ଚାପମୁକ୍ତ ହେଲେ ସୁନ୍ଦର ପୃଥିବୀ ଦେଖି ପାରବେ ବୋଲି ମତବ୍ୟକ୍ତ ମାନନୀୟା ବାଚସ୍ପତି ବକ୍ତବ୍ୟରେ କହିଥିଲେ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଗାରିମା ବର୍ଦ୍ଧନରେ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନଙ୍କର ଅବଦାନ ରହିଛି । ପାରାଦୀପ ମହାବିଦ୍ୟାଳୟ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ଏହା ଏକ ଗର୍ବ ଓ ଗୌରବର କଥା । ମହାବିଦୟାଳୟର ଉତ୍ତୋରତର ଉନ୍ନତି କାମନା କରିଥିଲେ ମାନନୀୟା ବାଚସ୍ପତି । ଶନିବାର ଦିନ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ନିମନ୍ତ୍ରୀତ ଅତିଥି ଭାବେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥି ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କ ଅବଦାନକୁ ଉଚ୍ଚପ୍ରଶଂସା କରିଥିଲେ । ପାରାଦୀପ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନ୍‌ର ସଭାପତି ତଥା ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଆଲୁମିନି ଆସୋସିଏସନ୍‌ର ସମ୍ପାଦକ ଗୌତମ କୁମାର ନାୟକ ।

## ପାଟଣା ବିଜେପି ମଣ୍ଡଳ ପକ୍ଷରୁ ନୂତନ ଜିଲ୍ଲା ସଭାପତି ଙ୍କୁ ବଭ୍ୟ ସମର୍ଦ୍ଧନା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ମଣ୍ଡଳ ପକ୍ଷ ରୁ ନୂତନ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କୁ ଭବ୍ୟ ସ୍ୱାଗତ ସହ ସମର୍ଦ୍ଧିତ କରାଯାଇ ଛି । ଏହି ପେରିପେକ୍ଷି ପାଟଣା ଛକ ନିକଟ ରୁ ଜିଲ୍ଲା ସଭାପତି ଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ଏକ ସମର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା କୁ ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ ଙ୍କ ନେତୃତ୍ୱରେ ହୋଇ ଥିଲା। ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ରେ ରାଜ୍ୟ ମହିଳା ପରିଷଦ ସଭ୍ୟା ସୋମବାରୀ ମୁଣ୍ଡା,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସବିର ଦାଶ,ସଂଖ୍ୟାଲଘୁ ଜିଲ୍ଲା ସଭାପତି ଅନଶୁର ଆଲାମ ,ବିଜେପି ବରିଷ୍ଠ ନେତା,କାର୍ଯ୍ୟକର୍ତ୍ତା ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କୁ ଉପଢ଼ୌକନ,ପୁଷ୍ପଗୁଚ୍ଛ ଦେଇ ସମର୍ଦ୍ଧିତ କରିଛନ୍ତ। ଏହି ସସମର୍ଦ୍ଧନା ସଭାରେ ବରିଷ୍ଠ ବିଜେପି ନେତା ଦୁର୍ଗା ଚରଣ ନାୟକ,ଲକ୍ଷ୍ମଣ ପତି, ରବୀନ୍ଦ୍ର ରାମ ଙ୍କୁ ମଞ୍ଚରେ ସମର୍ଦ୍ଧିତ କରାଯାଇ ଛି। ଆଗାମୀ ଦିନ ରେ କେନ୍ଦୁଝର ଏକ ବିକାଶ ଜିଲ୍ଲା ରୂପେ ପରିଗଣିତ ହେବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇ ଛନ୍ତି।

## ଶିକ୍ଷକଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



(ବସ୍ତା/ ମହାଭାରତ) ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ ଗୋସେଇଁ ପାଟଣା ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ଶ୍ରୀ ସୁନୀଲ କୁମାର ବେହେରା ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ତାଙ୍କର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପାତ୍ର ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ଓଷ୍ଟାର ପୂର୍ବତନ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, ବରେଣ୍ୟ ଅତିଥି ଭାବେ ବେଲି କ୍ଲଷ୍ଟର ସିଆରସିସି ତନଞ୍ଜୟ ପାଣିଗ୍ରାହୀ,ପ୍ରାକ୍ତନ ସିଆରସିସି ନିତ୍ୟାନନ୍ଦ ପ୍ରଧାନ,ସେକ ମୁସଲିମ,ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ମିଶ୍ର, ସୁଶାନ୍ତ ମିଶ୍ର, ରଜନୀ କାନ୍ତ ଘଡ଼ାଇ, ଶିକ୍ଷକ ଅଜୟ କୁମାର ସେଠୀ, ପ୍ରହ୍ଲାଦ କୁମାର ବାରିକ, ସମାଜସେବୀ ଯୁଗେଶ୍ୱର ଜେନା, ନାୟେବ ସରପ□ ବାସନ୍ତୀ ଜେନା, ପରିଚାଳନା କମିଟି ଅଧକ୍ଷ ସରୋଜ ପାତ୍ର ପ୍ରମୁଖ ଯୋଗ ଦେଇ ଅବସର ପ୍ରାପ୍ତ ଶିକ୍ଷକ ସୁନିଲ କୁମାର ବେହେରାଙ୍କ ନୀତି,ଆଦର୍ଶ, ତ୍ୟାଗ, ସମୟାନୁବର୍ତିତା, ଛାତ୍ର ବତ୍ସଳ ଏବଂ ସ୍ୱଚ୍ଛ ଦରମାରେ ଶିକ୍ଷାଦାନ ବିଷୟରେ ଆଲୋକ ପାତ କରିଥିଲେୟ ଏହି ଅବସରରେ ଶିକ୍ଷକ ଚିନ୍ମୟ କୁମାର ନନ୍ଦ ବେଦ ପାଠ କରିଥିବା ବେଳେ ଶିକ୍ଷକ ଶିବ ଶଙ୍କର ଜେନା ମଞ୍ଚ ଆହ୍ୱାନ, ଅତିଥି ପରିଚୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିମିଳିପାଳ ପାଦଦେଶରେ ସମ୍ବରକୁ ମାରି ଶୀକାର ଘଟଣା

# ଜଣେ ଗିରଫ , ଅନ୍ୟ ମାନେ ଫେରାର

କରଞ୍ଜିଆ, (ମହାଭାରତ) କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଶିମିଳିପାଳ ପାଦ ଦେଶ ରେ ଥିବା ମଣ୍ଡଳଝୋରୀ ଜଙ୍ଗଲ ରୁ ଗତ ୬ ତାରିଖ ଦିନ ବନ ବିଭାଗ ଏକ ଶିକାର ହୋଇଥିବା ମୃତ ସମ୍ବର ଶରୀର ର ୪ ଖଣ୍ଡ ଅଂଶ କୁ ଜବତ କରିବା ଘଟଣାରେ ଜଣେ ଶିକାରୀ କୁ ଗିରଫ କରିଛି ।ଗିରଫ ଶିକାରୀ ଜଣକ ହେଲେ ସେହି ଗ୍ରାମର ଦୁଲମା ଶୁଣ୍ଡି ବୋଲି ଜଣା ପଡ଼ିଛି ।ସମ୍ପୃକ୍ତ ଅନ୍ୟ ଶିକାରୀ ମାନେ ଫେରାର ଥିବାର ଜଣା ପଡ଼ିଛି। ଏନେଇ ଠାକୁରମୁଣ୍ଡା ରେଞ୍ଜ ରେ କେଶ ନମ୍ବର ୧୨୫/ ୨୦୨୪/୨୫ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବିଭାଗୟ ଉଦ୍ଧାର ସମ୍ବର କୁ ବ୍ୟବଚ୍ଛେଦ ପରେ ବନ ବିଭାଗ ବ୍ୟବଚ୍ଛେଦ ପରେ ପୋତି ଦେଇଛି ।ମିଳିଥିବା ସୂଚନା ଅନୁଯାୟୀ ଶିକାରୀ ମାନେ ଶିକାର କରି ବନ୍ୟଜନ୍ତୁ କୁ ବୋହି ଆଣୁ ଥିବାର ସୂଚନା ପାଇ ଏସିଏଫ ପ୍ରଭାତ କୁଅଁର , ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଓ ବନ କର୍ମଚାରୀ ମାନେ ମଣ୍ଡଳ ଝୋରି ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ ।ବନକର୍ମଚାରି ମାନେ ଚଢ଼ାଉ କରିଥିବା ସୂଚନା ପାଇ ଶିକାରୀ ମାନେ ସମ୍ବର କୁ ଛାଡି ଖସି ପଳାଇ ଯାଇଥିଲେ। ଶିକାରୀ ମାନେ ସମ୍ବର କୁ ଶିକାର କରିବା ପରେ ତାକୁ କାଟି ୪ ଖଣ୍ଡ କରି ବୋହି ଆଣିଥିଲେ ।ଜଙ୍ଗଲ ଭିତରୁ ବନକର୍ମଚାରି ମାନେ ସମ୍ବର ଶରୀର ର ୪ ଖଣ୍ଡ ଅଂଶ କୁ ଜବତ କରିଥିଲେ। ଯାହାର ଓଜନ ପ୍ରାୟ ୨.୫ କୁଇଣ୍ଟାଲ ହେବ ।ସମ୍ବର ଟି ଜଙ୍ଗଲ ଭିତରୁ ଗ୍ରାମ କୁ ପଶି ଆସିବାରୁ କୁକୁର ମାନେ ସମ୍ବର କୁ ଦୌଡାଇବାରୁ ତାକୁ ଦେଖି କେତେକ ବ୍ୟକ୍ତି ତିର, ଟାଙ୍ଗିଆ, ପଥର ସାହାଯ୍ୟରେ ମାରି ଥିବାର ଗିରଫ ଶିକାରୀ ଠାରୁ ବନବିଭାଗ ସୂଚନା ପାଇଛି।

### ଆମପାଣିକୁ ନୂତନ ବ୍ଲକ ଗଠନ ପାଇଁ ପ୍ରସ୍ତୁତି ..............................

# ଏକାଠି ହେଲେ ୧୦ ଗୋଟି ପଞ୍ଚାୟତର ଲୋକେ

କୋକସରା,୮ୟ୨(ମହାଭାରତ) : କଳାହାଣ୍ଡି ନବରଙ୍ଗପୁର ଜିଲ୍ଲାର ସୀମାନ୍ତରେ ଥିବା କୋକସରା ବ୍ଲକର ଆଦିବାସୀ ବହୁଳ ଅଞ୍ଚଳ ଆମପାଣି ପଞ୍ଚାୟତକୁ ସ୍ୱତନ୍ତ୍ର ବ୍ଲକ ଗଠନ ଦାବିରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା ଦେବଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଋତୁରାଜ ମାଝୀଙ୍କ ସଭାପତିତ୍ୱରେ ସ୍ଥାନୀୟ ଧାନ ମଣ୍ଡିଠାରେ ବୈଠକ ଆରମ୍ଭ ହୋଇଥିଲାୟ ବୈଠକରେ ଡୁଡୁକାଠେଙ୍ଗା ପୂର୍ବତନ ସରପ□ ବନମାଳୀ ବାଗ, ଆଇନଜୀବୀ ମନୋଜ ନାଏକ, ଗୋପୀଚନ ନାଏକ, ପ୍ରଦୀପ ସାହୁ, କେତୁରାମ ପାତ୍ର, ରାମ ସିଂ ମାଝୀ, ଉଚ୍ଛୁଲାରୁ ଚକ୍ରଧର ନାଏକ, ଖଗେଶ୍ୱର ନାଏକ, ବଡପୁଝାରୀଗୁଡାରୁ ଡମ୍ବରୁଧର ନାଏକ, ରତନ ନାଏକ, ସତ୍ୟ ନାଏକ, ଅର୍ଜୁନ ଅଗ୍ରୱାଲ, ଅନୁପ ଯୋଶୀ ସମେତ କୋକସରା ବ୍ଲକର ଆମପାଣି ଜିଲ୍ଲାପରିଷଦ ଜୋନ୍ ନଂ- ୧ ର ୮ ଗୋଟି ପଞ୍ଚାୟତ ବରାଡଙ୍ଗା, ବଡ଼ପୋଡ଼ାଗୁଡ଼ା, କାଉଡୋଲା, ଡୁଡୁକାଠେଙ୍ଗା, ମହିମା, ଆମପାଣି, ସାନପୋଡାଗୁଡା, ଗୋତମୁଣ୍ଡା ସମେତ ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଚ୍ଛୁଳା ପଞ୍ଚାୟତରୁ ନିର୍ବାଚିତ ଜନ ପ୍ରତିନିଧି ସମେତ ଶତାଧିକ ଲୋକେ ଯୋଗଦେଇ ଆମପାଣିକୁ ନୂତନ ବ୍ଲକ ଗଠନ ଦାବିକୁ ସ୍ୱାଗତ କରିବା ସହ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଭୌଗଳିକ ଦୃଷ୍ଟି କୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୂଖ୍ୟ ସ୍ଥାନ ହୋଇଥିବା



ବେଳେ ଏଠାରେ ବ୍ଲକ ଗଠନ ନିମି□ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୦ ଗୋଟି ପଞ୍ଚାୟତ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ଆମପାଣି ଉପରେ ପ୍ରାୟ ନିର୍ଭର କରିଥାନ୍ତି। ଏଠାରେ ଥିବା ସ୍କୁଲ, ଦୁଇଟି କଲେଜ, ଡାକ୍ତରଖାନା, ଥାନା, ଫରେଷ୍ଟ ଅଫିସ, ଆରଆଇ ଅଫିସ, ଗ୍ୟାସ ପଏ□, ବ୍ୟାଙ୍କ, ସମବାୟ ସମିତି, ପୋଷ୍ଟ ଅଫିସ, ଏସ୍‌ଏସଡି ସ୍କୁଲ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ମୂଳ କୋକସରା ବ୍ଲକ ଏହି ଅ□ଳଠାରୁ ୨୦ କିମିରୁ ଉର୍ଦ୍ଧ ରହିଥିବାବେଳେ ଜୟପାଟଣା ବ୍ଲକରୁ ଆସୁଥିବା ୨ ଗୋଟି ଗ୍ରାମ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୁରରେ ଥିବା ହେତୁ ଅଫିସ କାର୍ଯ୍ୟକୁ ଛାଡିଦେଲେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଲୋକେ ଆମପାଣି ଉପରେ ନିର୍ଭର କରିଥାନ୍ତି, ଆମପାଣି, ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, ଡୁଡୁକାଠେଙ୍ଗା, ମହିମା ଆଦି ପଞ୍ଚାୟତର ଅଧିକାଂଶ ଗାଁ ସାହାଜଖୋଲ ଜଙ୍ଗଲ ପାଦ ଦେଶରେ ରହିଥିବାବେଳେ କୋକସରା ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତ। ଆମପାଣିକୁ ୨୬ ନମ୍ବର ଜାତୀୟ ରାଜପଥ ସହ ବିଜୁ ଏକ୍ସପ୍ରେସୱେ ସଂଯୋଗ କରୁଥିବାରୁ ଯାତାୟାତରେ ସୁବିଧା ରହିଛି । ସବୁ ଦୃଷ୍ଟିରୁ ଆମପାଣି ଗ୍ରାମ ପଞ୍ଚାୟତ ନୂତନ ବ୍ଲକ ପାଇଁ ପ୍ରକୁର୍ଯ୍ୟ ରହିଛି। ବୈଠକରେ ବିଭିନ୍ନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ନାଏକ ସଂଯୋଜନା କରିଥିଲେୟ ସନ୍ତୋଷ ମାଝୀ, ବିନୋଦ ସିଂ, ବିଜୟ କୁମାର ପଣ୍ଡା, ତାପସ ରାୟ, କୁମୁଦ ପୁଝାରୀ, ଟିକି ଚନ୍ଦ୍ର ଧଙ୍ଗଡାମାଝୀ, ସୁରେଶ ସାହୁ, ଧନୁ ଦୁର୍ଗା, ଜଗଦୀଶ ନାଏକ, କୁମୁଦ ସେଠୀ, ହରିଶ୍ଚନ୍ଦ୍ର ନାଏକ, ଧର୍ମାନନ୍ଦ ନାଏକ, ରାଜୁ ପଟେଲ, କେଶବ ବେଣୁପାଣି, ନୃପରାଜ ନାଏକ, ଚକ୍ରଧର ବେଶ୍ରା, ସୁଭାଷ ଖର୍ସେଲ, ପଦ୍ମନ ଚଲାନ, ବିରନ କନ୍ଧ ସମେତ ୧୦ ଗୋଟି ପଞ୍ଚାୟତରୁ ଶତାଧିକ ଲୋକେ ଯୋଗଦେଇ ଥିଲେ।

# ୨୦୩୦ରେ ଦିଲ୍ଲୀରେ ସରକାର କରିବ କଂଗ୍ରେସ



**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଉପରେ କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ଜୟରାମ ରମେଶଙ୍କ ପ୍ରତିକ୍ରିୟା ମିଳିଛି । ସେ କହିଛନ୍ତି, ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଅରବିନ୍ଦ କେଜ୍ରିୱାଲ ଏବଂ ଆମ ଆଦମୀ ପାର୍ଟି ଉପରେ ଏକ ଜନମତ ବ୍ୟତୀତ ଆଉ କିଛି ନୁହେଁ । ୨୦୧୫ ଏବଂ ୨୦୨୦ରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଶୀର୍ଷରେ ଥିବା ବେଳେ ମଧ୍ୟ ଇଇଚ ଦିଲ୍ଲୀରେ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲା । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, 'ଦିଲ୍ଲୀ ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀଙ୍କ ନୀତି ଉପରେ ଅନୁମୋଦନର ମୋହର ନୁହେଁ, ବରଂ ଏହି ଜନାଦେଶ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତାରଣା, ଠକେଇ ଏବଂ ସଫଳତାର ଅତିରଞ୍ଜିତ ଦାବିର ରାଜନୀତିକୁ ପ୍ରତ୍ୟାଖ୍ୟାନ କରୁଛି । ଅରବିନ୍ଦ କେଜ୍ରିୱାଲଙ୍କ ଶାସନ ସମୟରେ ଘଟିଥିବା ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାସ କରିବାରେ କଂଗ୍ରେସ ଦଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଦିଲ୍ଲୀର ଭୋଟରମାନେ ଆମ ଆଦମୀ ପାର୍ଟିର ବାର ବର୍ଷର କୁଶାସନ ଉପରେ ସେମାନଙ୍କର ରାୟ ଦେଇଛନ୍ତି ।' ସେ କହିଛନ୍ତି, 'ଏହି ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ ଆଶା କରୁଥିଲା । ତଥାପି, ଦଳ ତାର ଭୋଟ ପ୍ରତିଶତ ବୃଦ୍ଧି କରିଛି । କଂଗ୍ରେସର ନିର୍ବାଚନ ପ୍ରଚାର ଉତ୍କୃଷ୍ଟ ଥିଲା । ଦଳ ବିଧାନସଭା ଜିତି ନଥାଇପାରେ, କିନ୍ତୁ ଦିଲ୍ଲୀରେ ଏହାର ଏକ ଦୃଢ଼ ଉପସ୍ଥିତି ରହିଛି, ଯାହା ଲକ୍ଷ ଲକ୍ଷ କଂଗ୍ରେସ କର୍ମୀଙ୍କ ନିରନ୍ତର ପ୍ରୟାସ ଦ୍ୱାରା ଆହୁରି ମଜଭୁତ ହେବ । ୨୦୨୩୦ ରେ ଦିଲ୍ଲୀରେ ପୁଣି ଥରେ କଂଗ୍ରେସ ସରକାର ଗଠନ ହେବ ।' ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଉପରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, 'ଏଥର ଦିଲ୍ଲୀର ଲୋକମାନେ ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି । ଦିଲ୍ଲୀବାସୀ ଆପ ସରକାରଙ୍କ କାର୍ଯ୍ୟଶୈଳୀରେ ବିରକ୍ତ ହୋଇଯାଇଥିଲେ ।' ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ନୂଆଦିଲ୍ଲୀ ଆସନରେ ଭାରତୀୟ ଜନତା ପାର୍ଟି (ବିଜେପି) ପରବେଶ ବର୍ମା ୪୦୮୯ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି, ଯାହା ଶାସକ ଦଳ ପାଇଁ ଏକ ବଡ଼ ଝଟକା । ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ପୁଣିଥରେ ସରକାର ଗଠନ କରିବାକୁ ଯାଉଛି ।

# ବିଜେପିକୁ ଶୁଭେଚ୍ଛା ଜଣାଇଲେ କେଜ୍ରିୱାଲଙ୍କ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ବିଜେପି ମାରିନେଇଛି ଦିଲ୍ଲୀ ବାଜି । ୪୮ ଆସନରେ ବିଜୟୀ ହେବା ସହ ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ ସରକାର ଗଢ଼ିବାକୁ ଯାଉଛି ଭାରତୀୟ ଜନତା ପାର୍ଟି (ବିଜେପି) । ସେପଟେ ଆମ୍ ଆଦମୀ ପାର୍ଟି (ଆପ୍)ର ଦୀର୍ଘ ବର୍ଷର ଶାସନ ଦୂର୍ଗ ଭୁଶୁଡ଼ି ପଡ଼ିଛି । କେବଳ ୨୨ ଆସନରେ ବିଜୟୀ ହୋଇଛି ଆପ୍ । ସେପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ମଧ୍ୟ ପରାଜୟ ବରଣ କରିଛନ୍ତି । ପରାଜୟ ପରେ କେଜ୍ରିୱାଲଙ୍କ ପ୍ରତିକ୍ରିୟା ମିଳିଛି । ଆପର ରାଷ୍ଟ୍ରୀୟ ସଂଯୋଜକ କେଜ୍ରିୱାଲ କହିଛନ୍ତି, ଜନତାଙ୍କ ନିଷ୍ପତ୍ତିକୁ ଆମେ ଗ୍ରହଣ କରୁଛୁ । ମୁଁ ବିଜେପିକୁ ଏହି ବିଜୟ ପାଇଁ ଅଭିନନ୍ଦନ ଜଣାଉଛି । ଜନସାଧାରଣ ତାଙ୍କୁ ଯେଉଁ ଆଶା ସହିତ ବହୁମତ ଦେଇଛନ୍ତି, ସେ ତାହା ପୂରଣ କରିବେ । ଅରବିନ୍ଦ କେଜ୍ରିୱାଲ କହିଛନ୍ତି, ଗତ ୧୦ ବର୍ଷ ଲୋକମାନେ ଆମକୁ ସୁଯୋଗ ଦେଇଛନ୍ତି । ଆମେ ବହୁତ କାମ କରିଛୁ । ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଦ୍ୟୁତ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମେ ଲୋକଙ୍କୁ ଆଶ୍ୱସ୍ତି ଦେବାକୁ ଚେଷ୍ଟା କରିଛୁ । ଆମେ ଦିଲ୍ଲୀର ଭିତ୍ତିଭୂମିକୁ ଉନ୍ନତ କରିବାକୁ ଚେଷ୍ଟା କରିଛୁ । ଏବେ, ଲୋକମାନଙ୍କ ନିଷ୍ପତ୍ତି କ୍ରମେ ଆମେ କେବଳ ଏକ ଗଠନମୂଳକ ବିରୋଧୀ ଭୂମିକା ଗ୍ରହଣ କରିବୁ ନାହିଁ ବରଂ ସମାଜସେବା ମଧ୍ୟ କରିବୁ, ଲୋକଙ୍କ ସୁଖ ଏବଂ ଦୁଃଖରେ ସାହାଯ୍ୟ କରିବୁ । ବ୍ୟକ୍ତିଗତ ଭାବରେ, ଯାହାକୁ ଆମର ଆବଶ୍ୟକତା ଅଛି, ଆମେ ସର୍ବଦା ସେମାନଙ୍କ ସୁଖ ଏବଂ ଦୁଃଖରେ ସାହାଯ୍ୟ କରିବୁ । କାରଣ ଆମେ କ୍ଷମତା ପାଇଁ ରାଜନୀତିକୁ ଆସି ନାହୁଁ । ସେ ଆହୁରି କହିଛନ୍ତି, ଆମ ରାଜନୀତିକୁ ଏକ ମାଧ୍ୟମ ଭାବରେ ବିବେଚନା କରୁ ଯାହା ମାଧ୍ୟମରେ ଆମେ ଜନସାଧାରଣଙ୍କ ସେବା କରିପାରିବା । ଯାହା ମାଧ୍ୟମରେ ଆମେ ଲୋକଙ୍କ ସୁଖ ଏବଂ ଦୁଃଖରେ ସାମିଲ ହୋଇପାରିବା । ଆମେ କାମ କରି ଚାଲିବୁ ଏବଂ ଭବିଷ୍ୟତରେ ମଧ୍ୟ ଆମକୁ ସେହିପରି ଲୋକଙ୍କ ସୁଖ ଏବଂ ଦୁଃଖରେ ସାହାଯ୍ୟ କରିବାକୁ ପଡିବ । ମୁଁ ଆମ ଆଦମୀ ପାର୍ଟିର ସମସ୍ତ କର୍ମୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି । ଆପଣ ବହୁତ ଭଲ କାମ କରିଛନ୍ତି । ଆପଣ ବହୁତ କଠିନ ପରିଶ୍ରମ କରିଛନ୍ତି । ଆପଣ ଏକ ମହାନ ନିର୍ବାଚନ ଲଢ଼ିଛନ୍ତି ଏବଂ ମୁଁ ସମସ୍ତ କର୍ମୀଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି । ସୂଚନାଯୋଗ୍ୟ ଯେ, କେବଳ ଆମ ଆଦମୀ ପାର୍ଟି ପରାସ୍ତ ହୋଇନାହିଁ, ଅରବିନ୍ଦ କେଜ୍ରିୱାଲ ନିଜେ ମଧ୍ୟ ନିଜ ଆସନ ବଞ୍ଚାଇ ପାରିନାହାଁନ୍ତି । ତାଙ୍କୁ ନୂଆଦିଲ୍ଲୀ ବିଧାନସଭା ଆସନରୁ ବିଜେପିର ପରବେଶ ବର୍ମା ପରାସ୍ତ କରିଛନ୍ତି । ଅରବିନ୍ଦ କେଜ୍ରିୱାଲ ୨୫୯୯୯ ଭୋଟ ପାଇଥିବା ବେଳେ ବିଜେତା ପରବେଶ ବର୍ମା ୩୦୦୮୮ ଭୋଟ ପାଇଛନ୍ତି ।

# ଦିଲ୍ଲୀ ଏବେ କେଜ୍ରିୱାଲଙ୍କଠାରୁ ମୁକ୍ତ: କୁମାର ବିଶ୍ୱାସ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ଅରବିନ୍ଦ କେଜ୍ରିୱାଲଙ୍କ ଅନେକ ପୁରୁଣା ସହଯୋଗୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ପ୍ରସିଦ୍ଧ ହିନ୍ଦୀ କବି ଡକ୍ଟର କୁମାର ବିଶ୍ୱାସ ମଧ୍ୟ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟିକୁ ବିଜୟ ପାଇଁ ଅଭିନନ୍ଦନ । ମୁଁ ଆଶା କରୁଛି ବିଜେପି ଦିଲ୍ଲୀ ଭୋଟରଙ୍କ ଆଶା ଏବଂ ସେମାନଙ୍କ ଆକାଂକ୍ଷା ପୂରଣ କରିବ । ସେ ଆହୁରି କହିଛନ୍ତି,ଯେତେବେଳେ ଆମେ ଜଙ୍ଗପୁରାରୁ ମନୀଷ ସିସୋଦିଆଙ୍କ ପରାଜୟ ଖବର ପାଇଲୁ, ମୋର ପତ୍ନୀ କାନ୍ଦିବାକୁ ଲାଗିଲେ । କାରଣ ମନୀଷ ତାଙ୍କୁ କହିଥିଲେ ଯେ ତାଙ୍କ ପାଖରେ ଏବେ ବି କ୍ଷମତା ଅଛି । ଏହା ଶୁଣି ମୋ ପତ୍ନୀ ଉତ୍ତର ଦେଇଥିଲେ, ଭାଇ, କ୍ଷମତା ସବୁଦିନ ପାଇଁ ରହିନଥାଏ । ଆଜି ତାହା ସତ ହୋଇଯାଇଛି ।ଅନ୍ୟପକ୍ଷରେ ଅରବିନ୍ଦ କେଜ୍ରିୱାଲଙ୍କ ନାମ ନ ନେଇ ତାଙ୍କୁ ଟାର୍ଗେଟ କରିଛନ୍ତି କୁମାର । ସେ କହିଛନ୍ତି ଯେ, 'ଯେଉଁ ବ୍ୟକ୍ତି ନିଜର ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ପାଇଁ ଆନ୍ନା ଆନ୍ଦୋଳନରୁ ବାହାରି ଆସିଥିବା ଲକ୍ଷ ଲକ୍ଷ ଶ୍ରମିକଙ୍କ ସ୍ୱପ୍ନକୁ ଚୁରମାର କରିଦେଇଥିଲେ, ତାଙ୍କ ପ୍ରତି ମୋର କୌଣସି ସହାନୁଭୂତି ନାହିଁ । ଦିଲ୍ଲୀ ଏବେ ତାଙ୍କଠାରୁ ମୁକ୍ତ । ସେ ନିଜର ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ପାଇଁ ଆପ୍ କର୍ମୀମାନଙ୍କୁ ବ୍ୟବହାର କରୁଥିଲେ । ଆଜି ନ୍ୟାୟ ମିଳିଗଲା । ମୁଁ ଆଶା କରୁଛି ଯେ ଭବିଷ୍ୟତ ପିଢ଼ି ଏବଂ ଅନ୍ୟ ଦଳଗୁଡ଼ିକ ଏଥିରୁ ଶିକ୍ଷା ପାଇବେ ଏବଂ କ୍ଷମତାକୁ ଆସିବା ପରେ ଅହଂକାରୀ ହେବେ ନାହିଁ ।'

# କଂଗ୍ରେସର ହ୍ୟାଟ୍ରିକ୍ ପରାଜୟ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଆସିଯାଇଛି । ବିଜେପିକୁ ମିଳିଛି ବଡ଼ ବିଜୟ । ଦଳ ୪୮ଟି ଆସନ ଜିତି ସରକାର ଗଡିବାକୁ ଯାଉଛି । ୨୭ ବର୍ଷ ପରେ ପୁଣି ଥରେ ବିଜେପିକୁ ମିଳିଛି ଏହି ସୁଯୋଗ । ଆପ୍ ହାରିଯାଇଛି । ଦଳକୁ ମାତ୍ର ୨୨ଟି ଆସନ ମିଳିଛି । ଆପ୍ ନେତା ଅରବିନ୍ଦ କେଜ୍ରିୱାଲ ଓ ମନୀଷ ସିସୋଦିଆ ପ୍ରମୁଖ ହାରିଯାଇଛି । କିନ୍ତୁ କଂଗ୍ରେସ ଖାତା ଖୋଲିପାରିନି । ଏହାର ଜଣେ ବି ପ୍ରାର୍ଥୀ ଜିତି ପାରିନାହାନ୍ତି । ଏହା ହେଉଛି ଦଳର ହ୍ୟାଟ୍ରିକ୍ ପରାଜୟ । ୨୦୧୫ ଓ ୨୦୨୦ ନିର୍ବାଚନ ମଧ୍ୟ କଂଗ୍ରେସ ଖାତା ପାରି ନଥିଲା । ଶେଷ ଥର ପାଇଁ ଦଳ ୨୦୧୩ରେ ୮ଟି ଆସନ ଜିତିଥିଲା । ତା' ପୂର୍ବରୁ ଦଳ ଲଗାତାର ୧୫ ବର୍ଷ ଦିଲ୍ଲୀରେ ଶାସନ କରିଥିଲାୟ ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ କଂଗ୍ରେସ ଦିଲ୍ଲୀରେ ସରକାର ଗିଥିଲା ଓ ଶୀଲା ଦିକ୍ଷୀତ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ ତା'ପରଠାରୁ ଦଳ ମାଟି କାମୁଡ଼ିଛି । ପ୍ରଶ୍ନ ଉଠୁଛି, କେଉଁ କାରଣ ପାଇଁ ଦଳ ଲଗାତାର ତିନି ଥର ହେଲାଣି ଦିଲ୍ଲୀ ବିଧାନସଭା ନିର୍ବାଚନରେ ଗୋଟିଏ ବି ଆସନ ଜିତି ପାରୁନାହିଁ ।୨୦୧୩ ବିଧାନସଭା ନିର୍ବାଚନରୁ ଅରମ୍ଭ ହୋଇଥିଲା ଦିଲ୍ଲୀ କଂଗ୍ରେସର ବିପର୍ଯ୍ୟୟ । ଅରବିନ୍ଦ କେଜ୍ରିୱାଲଙ୍କ ଦୁର୍ନୀତି ବିରୋଧୀ ଲଢେ ଲହରରେ ପୋଛି ହୋଇଯାଇଥିଲା କଂଗ୍ରେସ । ୨୦୦୮ ବିଧାନସଭା ନିର୍ବାଚନରେ ୪୩ଟି ଆସନ ଜିତିଥିବା କଂଗ୍ରେସ ୨୦୧୩ ନିର୍ବାଚନରେ ମାତ୍ର ୮ଟି ଆସନ ଜିତିଥିଲା । ତା'ପରଠାରୁ ଦଳ ଦିଲ୍ଲୀରେ ନିଜର ସ୍ଥିତିକୁ ଆଉ ଦୃଢ କରିବାକୁ ସଫଳ ହୋଇନାହିଁ । ଏହା ପଛରେ ରହିଛି ଅନେକ କାରଣ । ଦିଲ୍ଲୀ କଂଗ୍ରେସକୁ ଦୃଢ କରିବା ବଦଳରେ ତଥା ଏହାର ନେତୃତ୍ୱକୁ ବଳିଷ୍ଠ କରିବା ବଦଳରେ ଦଳ ସବୁବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ଉପରେ ନିର୍ଭର କରୁଛି । ଶୀଲା ଦୀକ୍ଷିତଙ୍କ ପରେ ସେଠାରେ ଦଳ ଆଉ କାହାକୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିପାରି ନାହିଁ ।

# ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ ହେବନି ଅମୃତ ସ୍ନାନ

**ନୂଆଦିଲ୍ଲୀ,୮।୨(ଏଜେନ୍ସି):** ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖ ମହାଶିବରାତ୍ରୀ ଅବସରରେ ସମାପ୍ତ ହେବ । ମହାକୁମ୍ଭରେ ଆଉ ୨ଟି ସ୍ନାନ ରହିଛି, ତାହା ହେଉଛି ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀ । କିନ୍ତୁ ଏହି ଦୁଇଦିନ ଅମୃତ ସ୍ନାନ ହେବ ନାହିଁ । ଏହି କାରଣରୁ ଏବେଠାରୁ ନାଗାସାଧୁମାନେ ବାରାଣାସୀ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି । ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ । ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ । ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା । ତେବେ ମାଘ ପୂର୍ଣ୍ଣିମା ଓ ମହାଶିବରାତ୍ରୀରେ କାହିଁକି ହେବନି ଅମୃତ ସ୍ନାନ ? ମହାକୁମ୍ଭ ମେଳା ଗ୍ରହ ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆୟୋଜନ କରାଯାଏ । ମୁଖ୍ୟତଃ ସୂର୍ଯ୍ୟ ମକର ରାଶିରେ ଥିବା ବେଳେ ବୃହସ୍ପତି ବୃଷ ରାଶିରେ ଥିବା ବେଳେ ସ୍ନାନକୁ ଅମୃତ ସ୍ନାନ ବୋଲି ବିବେଚନା କରାଯାଏ । ସେହି ଅନୁଯାୟୀ ମକର ସଂକ୍ରାନ୍ତି, ମୌନି ଅମାବାସ୍ୟା ଓ ବସନ୍ତ ପଞ୍ଚମୀରେ ଶୁଭ ସମାବେଶ ଅନୁଷ୍ଠିତ ହେଉଥିବାରୁ ଏହି ତିଥିରେ ଅମୃତ ସ୍ନାନ କରାଯାଇଥିଲା । ମାଘ ପୂର୍ଣ୍ଣିମା ଦିନ ବୃହସ୍ପତି ବୃଷ ରାଶିରେ ରହିବେ, କିନ୍ତୁ ସୂର୍ଯ୍ୟ କୁମ୍ଭ ରାଶିକୁ ଚାଲିଯିବେ ।

# ମହାକୁମ୍ଭ : ୨୩୩ ଜଳ ଏଟିଏମରେ ୪୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ବିଶୁଦ୍ଧଜଳଯୋଗାଣ

ନୂଆଦିଲ୍ଲୀ,୮।୨(ପିଆଇବି): ଦେଶ ବିଦେଶର କୋଣ ଅନୁକୋଣରୁ ପ୍ରୟାଗରାଜର ମହାକୁମ୍ଭ ୨୦୨୫କୁ ଆସୁଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ମେଳା ଅଞ୍ଚଳରେ

## ପରିବେଶର ସୁରକ୍ଷା ପାଇଁ ପ୍ଲାଷ୍ଟିକମୁକ୍ତ ପାନୀୟ ଜଳ ବ୍ୟବସ୍ଥା ଓ ବିଶୁଦ୍ଧ ଜଳ ଯୋଗାଣ




ମୋଟ ୨୩ଟି ଜଳ ଏଟିଏମ୍ ସ୍ଥାପନ କରାଯାଇଛି, ଯାହାକି ନିରବଚ୍ଛିନ୍ନ ଭାବେ ଦିନ ରାତି ୨୪ ଘଣ୍ଟା କାମ କରିବ ଏହି ଜଳ ଏଟିଏମ୍ ଜରିଆରେ ତୀର୍ଥଯାତ୍ରୀମାନେ ପ୍ରତିଦିନ ଆରଓ ର (ରିଭର୍ସ ଅସମୋସିସ୍) ବିଶୁଦ୍ଧ ପାନୀୟ ଜଳ ପାଉଛନ୍ତି ସରକାରୀ ତଥ୍ୟ ଅନୁସାରେ ଜାନୁଆରୀ ୨୧, ୨୦୨୫ ଓ ଫେବ୍ରୁଆରୀ ୧, ୨୦୨୫ ମଧ୍ୟରେ ଏହି ଜଳ ଏଟିଏମରୁ ୪୦ ଲକ୍ଷ ତୀର୍ଥଯାତ୍ରୀ ଉପକୃତ ହୋଇଛନ୍ତି ।

ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଏହି ଜଳ ଏଟିଏମ୍ ଜରିଆରେ ମାଗଣା ଜଳ ବଣ୍ଟନକୁ ଗୁରୁ ଦେଇଛି ପ୍ରଶାସନ ପ୍ରଥମେ ଏହି ପାନୀୟ ଜଳ ଲିଟର ପିଛା ୧ ଟଙ୍କାରେ ମିଳୁଥିଲା ତୀର୍ଥଯାତ୍ରୀମାନଙ୍କୁ ମୁଦ୍ରା ଭର୍ତ୍ତି କରିବାକୁ ପଡୁଥିଲା ନ ହେଲେ ୟୁପିଆଇ ସ୍କାନିଂ କରି ସେମାନେ ପାନୀୟ ଜଳ ପାଇପାରୁଥିଲେ ତେବେ ବର୍ତ୍ତମାନ ଏହାକୁ ପୁରାପୁରି ମାଗଣା କରି ଦିଆଯାଇଛି ଯାହା ଦ୍ୱାରା କି ତୀର୍ଥଯାତ୍ରୀମାନେ ବିନା କୌଣସି ପ୍ରତିବନ୍ଧକରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ପ୍ରତ୍ୟେକ ଏଟିଏମ୍ ରେ ଜଣେ ଲେଖାଏଁ ଅପରେଟର୍ ଉପସ୍ଥିତ ରହିଥାନ୍ତି ତୀର୍ଥଯାତ୍ରୀମାନେ ବଟନ୍ ଚିପିବା ମାତ୍ରେ ଯେମିତି ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ପାଇବେ, ସେଥିପ୍ରତି ଧ୍ୟାନ ଦିଅନ୍ତି ଏହି ଅପରେଟର୍ ଏହା ଦ୍ୱାରା ତୀର୍ଥଯାତ୍ରୀମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହୋଇ ବିଶୁଦ୍ଧ ପାନୀୟ ଜଳ ପାଆନ୍ତି ଏବଂ ଏହିପରି ଭାବେ ନିରବଚ୍ଛିନ୍ନ ଭାବେ ପାନୀୟ ଜଳ ଯୋଗାଣ ହୋଇଥାଏ ।

ମହାକୁମ୍ଭରେ ଲଗାଯାଇଥିବା ପାଣି ଏଟିମ୍ ରେ ଅତ୍ୟାଧୁନିକ ଟେକ୍ନୋଲଜି ଅଛି ଯାହା ଦ୍ୱାରା କି ଏହି ପାଣି ଏଟିଏମ୍ ସ୍ୱୟଂକ୍ରିୟ ଭାବେ ଓ ସୁରୁଖୁରୁରେ କାମ କରିଥାଏ ଏହି ମେସିନରେ ସେନସର୍ ଆଧାରିତ ଏକ ମନିଟରିଂ ବ୍ୟବସ୍ଥା ଲାଗିଛି କୌଣସି ବୈଷୟିକ ତ୍ରୁଟି ଦେଖା ଦେଲେ, ଏହା ତୁରନ୍ତ ତାକୁ ଚିହ୍ନଟ କରିଥାଏ କୌଣସି ବୈଷୟିକ ତ୍ରୁଟି ହେଲେ ଜଳ ନିଗମର ଟେକ୍ନିସିଆନମାନେ ତୁରନ୍ତ ତାକୁ ମରାମତି କରି ଦିଅନ୍ତି ଏହା ଦ୍ୱାରା ତୀର୍ଥଯାତ୍ରୀଙ୍କୁ ଲଗାତର ଭାବେ ବିଶୁଦ୍ଧ ପିଇବା ପାଣି ମିଳିଥାଏ ମହାକୁମ୍ଭରେ ଏତେ ସଂଖ୍ୟକ ତୀର୍ଥଯାତ୍ରୀ ଆସୁଥିବାରୁ ପ୍ରତ୍ୟେକ ପାଣି ଏଟିଏମ୍ ପ୍ରତିଦିନ ୧୨୦୦୦ରୁ ୧୫୦୦୦ ଲିଟର ବିଶୁଦ୍ଧ ଆରଓ ପାଣି ପ୍ରଦାନ କରିଥାନ୍ତି ।ସବୁ ପାଣି ଏଟିଏମରେ ସିମ୍ ଆଧାରିତ ଟେକ୍ନୋଲଜି ଲାଗିଛି । ଫଳରେ ଏହି ପାଣି ଏଟିମ୍ ଗୁଡ଼ିକ ପ୍ରଶାସନର କେନ୍ଦ୍ରୀୟ ନେଟୱର୍କ ସହିତ ସଂଯୁକ୍ତ ରହିଥାଏ

ଏହି ଟେକ୍ନୋଲଜିରୁ ନିରବଚ୍ଛିନ୍ନ ଭାବେ ଜାଣିହୁଏ ମୋଟ କେତେ ପାଣି ବ୍ୟବହାର କରାଯାଉଛି, କେତେ ପାଣି ଅଛି, ପାଣିର ମାନ କେମିତି ଅଛି ଓ କେତେ ପାଣି ବଣ୍ଟନ ହୋଇଛି ଯେତେବେଳେ ବି ଜଣେ ତୀର୍ଥଯାତ୍ରୀ ପାଣି ଏଟିଏମ୍ ବ୍ୟବହାର କରନ୍ତି, ଥରକରେ ଗୋଟିଏ ଲିଟର୍ ପାଣି ବାହାରିଥାଏ ସ୍ୱାଉଟ ତଳେ ରଖାଯାଇଥିବା ବୋତଲରେ ଏହି ପାଣି ଭର୍ତ୍ତି ହୋଇଥାଏ ପୂର୍ବର କୁମ୍ଭମେଳାଗୁଡ଼ିକରେ ପ୍ଲାଷ୍ଟିକ ପାଣି ବୋତଲ ଓ ଅନ୍ୟାନ୍ୟ ଆବର୍ଜନା ଯୋଗୁଁ ସଂଗମରେ ଓ ବିଭିନ୍ନ ଘାଟରେ ବହୁତ ପ୍ରଦୂଷଣ ହେଉଥିଲା ଏଥର ପ୍ରଶାସନ କେବଳ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁ ଦେଇନାହିଁ, ବରଂ ପରିବେଶର ସୁରକ୍ଷା ଉପରେ ମଧ୍ୟ ଫୋକସ୍ କରିଛି ।

ମହାକୁମ୍ଭ ସରିବା ପର୍ଯ୍ୟନ୍ତ ଏହି ପାଣି ଏଟିଏମଗୁଡ଼ିକ ଯେମିତି ନିରବଚ୍ଛିନ୍ନ ଭାବେ କାମ କରନ୍ତି, ସେଥିପ୍ରତି ମହାକୁମ୍ଭ ପ୍ରଶାସନ ଗୁରୁ ପ୍ରଦାନ କରିଛି ପାଣି ଏଟିଏମ୍ ରେ ଯଦି କୌଣସି ସମସ୍ୟା ହୁଏ, ତାର ସମାଧାନ କରିବାକୁ ଓ ନିୟମିତ ପାଇଁ ମନିଟରିଂ କରିବାକୁ ଗଠନ କରାଯାଇଛି ସ୍ତନ୍ତ୍ର ଟେକ୍ନିସିଆନ୍ ଆଗାମୀ କୁମ୍ଭ ଓ ଅନ୍ୟ ଧାର୍ମିକ ସମାବେଶରେ ତୀର୍ଥଯାତ୍ରୀମାନେ ଯେମିତି ସହଜରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ସେଥିପାଇଁ ଏପରି ବ୍ୟବସ୍ଥା କରିବାକୁ ପ୍ରଶାସନ ବିଚାର କରୁଛି ଏହି ଜଳ ଏଟିଏମ୍ ଯୋଜନା ମହାକୁମ୍ଭ ୨୦୨୫କୁ ଆହୁରି ଅଧିକ ସୁରକ୍ଷିତ, ସୁବିଧାଜନକ ଓ ପରିବେଶ ଅନୁକୂଳ କରିଛି ଆଗାମୀ ଦିନର ଜନସମାଗମ ପାଇଁ ଏହା ସୃଷ୍ଟି କରିଛି ଐତିହାସିକ ଓ ଦୃଷ୍ଟାନ୍ତମୂଳକ ମାନଦଣ୍ଡ ।

# 'ଜୀବନରେ ପ୍ରଥମଥର ପାଇଁ ମୁଁ ଭାଜପାକୁ ଭୋଟ ଦେଇଛି'



ନୂଆଦିଲ୍ଲୀ,୮।୨: ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ମତଦାନ ବୁଧବାର ଶେଷ ହୋଇଛି । ଫେବୃଆରୀ ୮ରେ ଫଳାଫଳ ପ୍ରକାଶ ପାଇବ । ଏହା ପୂର୍ବରୁ ଅଲ୍ ଇଣ୍ଡିଆ ଇମାମ୍ ଆସୋସିଏଶନ୍‌ର ଅଧ୍ୟକ୍ଷ ସାଜିଦ ରଶିଦି ଚମକାଇବା ଭଳି ବୟାନ ଦେଇଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ସେ ପ୍ରଥମ ଥର ଲାଗି ଭାଜପାକୁ ଭୋଟ ଦେଇଥିବା କହିଛନ୍ତି ।

ଭାଜପା ଆଇଟି ସେଲ ମୁଖ୍ୟ ଅମିତ ମାଲବୀୟ ତାଙ୍କର ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି । ଏଥିରେ ସେ କହିଛନ୍ତି ଯେ, ବନ୍ଧୁମାନେ ମୁଁ ଭୋଟ ଦେଇ ଦେଇଛି ଦିଲ୍ଲୀରେ କିଏ ସରକାର ଗଢ଼ିବ । ତା ଲାଗି ତେବେ କାହାକୁ ଦେଇଛି ଶୁଣିଲେ । ଚକିତ ହୋଇଯିବେ ମୁଁ ମୋର ଭୋଟ ଭାଜପାକୁ ଦେଇଛି । ଜୀବନରେ ପ୍ରଥମ ଥର ଲାଗି ଭାଜପାକୁ ଭୋଟ ଦେଇଛି କାହିଁକି ଏଭଳି କରିଛି । ତା ପଛରେ ବହୁତ କାରଣ ରହିଛି ଏଯାବତ ମୁସଲମାନଙ୍କ ଉପରେ ଅଭିଯୋଗ ହୋଇ ଆସିଛି ଯେ ଭାଜପାକୁ ହରାଇବା ଲାଗି ସେମାନେ ଭୋଟ କରିଥାନ୍ତି ହେଲେ ଏବେ ଦିଲ୍ଲୀରେ ଭାଜପା ଜିତୁ ବୋଲି ମୁଁ ଭୋଟ କରିଛି । ଏହାର ଆଉ କାରଣ ମଧ୍ୟ ରହିଛି ।

ତେବେ ସାଜିଦ ରଶିଦିଙ୍କର ଏଭଳି ଦାବି ପରେ ଅମିତ ମାଲବୀୟ ପୋଷ୍ଟ କରି କହିଛନ୍ତି, ଏବେ ଅଲ୍ ଇଣ୍ଡିଆ ଇମାମ୍ ଆସୋସିଏଶନ୍‌ର ଅଧ୍ୟକ୍ଷ ରଶିଦି କହିଛନ୍ତି ଯେ ଭାଜପାକୁ ସେ ନିର୍ବାଚନରେ ଭୋଟ ଦେଇଛନ୍ତି । ଏହା ଗୋଟିଏ ଘଟଣା ନୁହେଁ ତଥାକଥିତ ଯଦି ମୁସଲମାନମାନେ ବହୁଳଭାବେ ଭାଜପାକୁ ସମର୍ଥନ କରୁଛନ୍ତି ସେନେଇ ଧର୍ମନିରପେକ୍ଷ ଦଳଗୁଡ଼ିକ ଚିନ୍ତା କରିବା ଆବଶ୍ୟକ । କହିରଖୁଛୁ, ବୁଧବାର ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀରେ ଦିଲ୍ଲୀରେ ଭାଜପା ଆଗାମୀ ସରକାର ଗଠନ କରିବ ବୋଲି ଦର୍ଶାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

# ତୁମେ ଘର ଭାଙ୍ଗି ଦେଇପାର, ଇତିହାସ ନୁହେଁ



ଢାକା,୮।୨(ନି.ପ୍ର.): ବାଂଲାଦେଶର ଢାକାରେ ଥିବା ବାପାଙ୍କ ଘରକୁ ପ୍ରତିବାଦକାରୀମାନେ ଜାଳି ଦେବା ପରେ ଭାବପ୍ରବଣ ହୋଇ ପଡ଼ିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ।ଢାକାରେ ତାଙ୍କ ପିତା ଶେଖ୍ ମୁଜିବୁର ରହମାନଙ୍କ ବାସଭବନରେ ଶହ ଶହ ପ୍ରଦର୍ଶନକାରୀ ନିଆଁ ଲଗାଇ ଦେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଏକ ନିର୍ମାଣକୁ ଲିଭାଇ ଦିଆଯାଇପାରିବ, କିନ୍ତୁ ଇତିହାସକୁ ଲିଭାଇ ଦିଆଯାଇପାରିବ ନାହିଁ ।ହସିନା ୨୦୨୪ ମସିହା ଅଗଷ୍ଟ ମାସରେ ତାଙ୍କ ଆୱାମୀ ଲିଗର ୧୬ ବର୍ଷର ଶାସନକୁ ପତନ କରି ଛାତ୍ର ନେତୃତ୍ୱାଧୀନ ଏକ ବିଶାଳ ପ୍ରତିବାଦ ପରେ ବାଂଲାଦେଶ ଛାଡି ଆସି ଭାରତରେ ରହୁଛନ୍ତି ।

ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଐତିହାସିକ ଗୁରୁତ୍ୱ ବହନ କରୁଥିବା ୩୨ ଧାନମୋଣ୍ଡି ବାସଭବନ ଉପରେ ଆକ୍ରମଣ ପଛରେ କ'ଣ ଉଦ୍ଦେଶ୍ୟ ଥିଲା ବୋଲି ପଦଚ୍ୟୁତ ପ୍ରଧାନମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି ।

ସେ ଭାବପ୍ରବଣ ଭାବରେ ଆହୁରି ବି କହିଛନ୍ତି, ଘରକୁ କାହିଁକି ଭୟ ? ମୁଁ ବାଂଲାଦେଶର ଲୋକଙ୍କଠାରୁ ନ୍ୟାୟ ଚାହୁଁଛି । ମୁଁ କ'ଣ ମୋ ଦେଶ ପାଇଁ କିଛି କରିନାହିଁ ? ତେବେ ଏତେ ଅସମ୍ମାନ କାହିଁକି ? ମୋ ଭଉଣୀ ଏବଂ ମୁଁ ଉଭୟ ଯେଉଁ ସ୍ମୃତିକୁ ଧରି ରହିଛୁ ତାହା ପୋଛି ଦିଆଯାଉଛି । ଏକ ନିର୍ମାଣକୁ ପୋଛି ଦିଆଯାଇପାରିବ, କିନ୍ତୁ ଇତିହାସକୁ ପୋଛି ଦିଆଯାଇପାରିବ ନାହିଁ । ସେମାନଙ୍କୁ ଏହା ମଧ୍ୟ ମନେ ରଖିବାକୁ ପଡିବ ଯେ ଇତିହାସ ଏହାର ପ୍ରତିଶୋଧ ନେଇଥାଏ, ବୋଲି ସେ ଚେତାବନୀ ମଧ୍ୟ ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ, ପୁଣି ଅଶାନ୍ତ ବାଂଲାଦେଶ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୈତୃକ ଘର ଜାଳିଦେଲେ ଉପଦ୍ରବକାରୀ । ଏକ ଅନଲାଇନ୍ ଭାଷଣ ଦେଉଥିବା ବେଳେ ଢାକା ସ୍ଥିତ ତାଙ୍କ ପୈତୃକ ବାସଭବନରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି । ହସିନା ରାତି ୯ଟାରେ ଭାଷଣ ଦେବା ମାତ୍ରେ ଯୋଜନାବଦ୍ଧ ହିଂସା ଆରମ୍ଭ ହୋଇଯାଇଥିଲା । ହଜାର ହଜାର ଲୋକ ସୋସିଆଲ ମିଡିଆରେ ବୁଲଡୋଜର ଶୋଭାଯାତ୍ରା ଡାକରା ଦେଇ ମୁଜିବୁର ଭବନକୁ ଘେରିଯାଇଥିଲେ ।

# ଡିପୋର୍ଟେସନ ପ୍ରକ୍ରିୟା କୌଣସି ନୂଆ ନୁହେଁ : ଜୟଶଙ୍କର

ନୂଆଦିଲ୍ଲୀ:୮।୨(ଏଜେନ୍ସି): ଆମେରିକାରେ ଥିବା ଅବୈଧ ପ୍ରବାସୀ ଭାରତ ଫେରିବା ଉପରେ ପ୍ରଥମ ଥର ପାଇଁ ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କର ପ୍ରତିକ୍ରିୟା ଦେଇଛନ୍ତି । ବେଆଇନ ଭାବେ ରହୁଥିବା ନାଗରିକଙ୍କୁ ଗ୍ରହଣ କରିବା ଦେଶର ଦାୟିତ୍ୱ ବୋଲି ସେ କହିଛନ୍ତି । ବୁଧବାର ୧୦୪ ଅବୈଧ ପ୍ରବାସୀ ଭାରତୀୟଙ୍କୁ ଧରି ଆମେରିକାର ଯୁଦ୍ଧ ବିମାନ ପଞ୍ଜାବର ଅମୃତସରରେ ଅବତରଣ କରିଥିଲା । ଭାରତ ପଠାଯିବାର ପ୍ରକ୍ରିୟାକୁ ନେଇ ବିରୋଧୀ ଆପତ୍ତି ଉଠାଇଛନ୍ତି ।



ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଛନ୍ତି, 'ଏହା ସବୁ ଦେଶର ଦାୟିତ୍ୱ ଯେ ଯଦି ତାଙ୍କ ନାଗରିକ ବିଦେଶରେ ଅବୈଧ ଭାବେ ରହୁଛନ୍ତି, ତେବେ ସେମାନଙ୍କୁ ଫେରାଇ ନେବେ ।' ସେ ଏହା ବି କହିଛନ୍ତି ଯେ ଡିପୋର୍ଟେସନ ପ୍ରକ୍ରିୟା କୌଣସି ନୂଆ ନୁହେଁ । ବିଦେଶ ମନ୍ତ୍ରୀ କହିଛନ୍ତି, 'ଆମେରିକା ପକ୍ଷରୁ କରାଯାଉଥିବା ଡିପୋର୍ଟେସନ କାମ ଇମିଗ୍ରେସନ୍ ଆଣ୍ଡ କଷ୍ଟମ୍ ଏନଫୋର୍ସମେଣ୍ଟ (ଆଇସିଇ) ପକ୍ଷରୁ କରାଯାଉଛି । ଆଇସିଇ ଯେଉଁ ଏସଓପି ଆଧାରରେ କାମ କରୁଛି, ତାହା ୨୦୧୨ରୁ ପ୍ରଭାବୀ ରହିଛି । ସେଥିରେ ବନ୍ଧା ଯିବା କଥା ମଧ୍ୟ ଉଲ୍ଲେଖ ରହିଛି । ମହିଳା ଏବଂ ପିଲାଙ୍କୁ ବନ୍ଧା ଯାଇନଥିବା ଆଇସିଇ ଆମକୁ ସୂଚନା ଦେଇଛି । ଏହାସହ ଆମେରିକା ସରକାରଙ୍କ ସହ ଆଲୋଚନା କରି ଅବୈଧ ପ୍ରବାସୀଙ୍କ ସହ ଯେପରି ଦୁର୍ବବ୍ୟହାର ନକରାଯିବା ତାହା ସୁନିଶ୍ଚିତ କରୁଛୁ ।'

କଂଗ୍ରେସ ସାଂସଦ ରଣଦୀପ ସୁର୍ଜେୱାଲାଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନର ଜବାବରେ ସେ କହିଛନ୍ତି, ଆମ ଜାଣିଛୁ ଯେ ଗତକାଲି ୧୦୪ ଜଣ ଭାରତ ଆସିଛନ୍ତି । ଆମେ ସେମାନଙ୍କୁ ସ୍ୱୀକାର କରିଛୁ । ଏହା କୌଣସି ନୂଆ ମୁଦ୍ଦା ବୋଲି ଆମେ ନଭାବିବା ଦରକାର । ଏହା ଉପରେ ଏକ ପ୍ରସଙ୍ଗ ଯାହା ପୂର୍ବରୁ ଚାଲିଆସିଛି । ବିଦେଶ ମନ୍ତ୍ରୀ ସଂସଦରେ ୨୦୦୯ରୁ ଆରମ୍ଭ କରି ୨୦୨୫ ଯାଏ ଭାରତ ପଠାଯାଇଥିବା ଲୋକଙ୍କ ତଥ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ୨୦୦୯ରେ ୭୩୪, ୨୦୧୦ରେ ୫୯୭, ୨୦୧୨ରେ ୫୩୦, ୨୦୧୩ରେ ୫୫୦, ୨୦୧୪ରେ ୫୯୧, ୨୦୧୫ରେ ୭୦୮, ୨୦୧୬ରେ ୧୩୦୩, ୨୦୧୭ରେ ୧୦୨୪, ୨୦୧୮ରେ ୧୧୮୦, ୨୦୧୯ରେ ୨୦୪୨, ୨୦୨୦ରେ ୧୮୮୯, ୨୦୨୧ରେ ୮୦୫, ୨୦୨୨ରେ ୮୬୨, ୨୦୨୩ରେ ୬୭୦, ୨୦୨୪ରେ ୧୩୬୮ ଏବଂ ୨୦୨୫ରେ ୧୦୪ ଜଣଙ୍କୁ ଡିପୋର୍ଟ କରାଯାଇଛି ।

# ସୁପ୍ରିମକୋର୍ଟ ଗଲା ଡିସ୍କଭରୀ

ନୂଆଦିଲ୍ଲୀ,୮।୨(ଏଜେନ୍ସି): ନିକଟରେ ରିଲିଜ ହୋଇଥିବା ଡକ୍ୟୁମେଣ୍ଟାରୀ ସିରିଜ କଲ୍ଟ ଅଫ ଫିୟର: ଆଶାରାମ ବାପୁଙ୍କ ସମ୍ପର୍କରେ ଡିସ୍କଭରି କମ୍ୟୁନିକେସନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଆବେଦନରେ କୁହାଯାଇଛି ଯେ ଜାନୁଆରୀ ୨୯ରେ ଏହି ଡକ୍ୟୁମେଣ୍ଟାରୀ ସିରିଜ ମୁକ୍ତିଲାଭ କରିବା ପରଠାରୁ, ଡିସ୍କଭରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିରନ୍ତର ଧମକ ମିଳୁଛି । କିଛି ସ୍ଥାନରେ ଆଶାରାମ ବାପୁଙ୍କ ସମର୍ଥକଙ୍କ ଭିଡ଼ ତାଙ୍କ କାର୍ଯ୍ୟାଳୟ ବାହାରେ ମଧ୍ୟ ଦେଖିବାକୁ ମିଳିଥିଲା ।ଏହି ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ଅନେକ ରାଜ୍ୟ ସରକାରଙ୍କୁ ଡିସ୍କଭରୀ ସହିତ ଜଡିତ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସ୍କଭରୀ କମ୍ୟୁନିକେସନର ଆବେଦନରେ କେନ୍ଦ୍ର ସରକାରଙ୍କ ବ୍ୟତୀତ ମହାରାଷ୍ଟ୍ର, ତେଲଙ୍ଗାନା, ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, କର୍ନାଟକ ଏବଂ ତାମିଲନାଡୁ ସରକାରଙ୍କୁ ପକ୍ଷ କରାଯାଇଛି । ଆବେଦନରେ କୁହାଯାଇଛି ଯେ ବିବାଦୀୟ ସନ୍ଥ ଆଶାରାମ ବାପୁଙ୍କ ଉପରେ ଡକ୍ୟୁମେଣ୍ଟାରୀ ସିରିଜ ରିଲିଜ ହେବା ପରଠାରୁ, ଡିସ୍କଭରୀ ସହିତ ଜଡିତ ଲୋକଙ୍କୁ ମଧ୍ୟ ବିଭିନ୍ନ ଉପାୟରେ ଧମକ ମିଳୁଛି ।

# ବାରବାଟୀରେ ଝାଳ ବୁହାଇଲେ ଭାରତୀୟ ଖେଳାଳି



**କଟକ,୮।୨ :** ଭାରତ ଓ ଇଂଲଣ୍ଡ ମଧ୍ୟରେ ରବିବାର ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଆଜି ଭାରତୀୟ ଖେଳାଳିମାନେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ନେଟ୍ରେ ଅଭ୍ୟାସ କରିଛନ୍ତି। ଆସନ୍ତାକାଲିର ମହାମୁକାବିଲା ପାଇଁ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଓ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଦଳର ଖେଳାଳିମାନେ ବହୁ ପରିଶ୍ରମ କରିଛନ୍ତି। ରନିଂ, ବ୍ୟାୟାମ ସହିତ ଝାଳ ବୁହାଇ ଷ୍ଟାଡିୟମର ସ୍ଥିତିକୁ ଅତି ନିକଟରୁ ପରଖିଛନ୍ତି। ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଓ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ଆସନ୍ତାକାଲିର ଦିବାରାତ୍ର ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଭାରତୀୟ ଟିମ୍ ଆଜି ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ମେଫେୟାର ହୋଟେଲରୁ ଅଭ୍ୟାସ ପାଇଁ କଟକ ଅଭିମୁଖେ ବାହାରିଥିଲେ। ଖେଳାଳିମାନେ ଏକ ସ୍ୱତନ୍ତ୍ର ବସ୍ ଯୋଗେ ବାହାରିଥିଲେ। ଖେଳାଳିମାନେ ହୋଟେଲରୁ ବାହାରିବା ପୂର୍ବରୁ ଖେଳପ୍ରେମୀଙ୍କ ମଧ୍ୟରେ ନାହିଁନଥିବା ଉତ୍ସାହ ଦେଖାଯାଇଥିଲା। ହୋଟେଲ ସାମ୍ନାରେ ମଧ୍ୟ ଖେଳାଳିମାନଙ୍କୁ ଦେଖିବା ପାଇଁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ନାଗପୁରରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ବିଜୟ ହାସଲ କରିସାରିଛି। ତେଣୁ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଶୃଙ୍ଖଳାକୁ ୨-୦ରେ ଅଗ୍ରଣୀ ରହିବାକୁ ଚାହିଁବ। ଏଥି ପାଇଁ ଖେଳାଳିମାନେ ଆଜି ଜୋରଦାର ଅଭ୍ୟାସ କରିଛନ୍ତି। ଅନ୍ୟପଟରେ ବାରବାଟୀରେ ଟିମ୍ ଇଣ୍ଡିଆର ଅଭ୍ୟାସ ଦେଖିବାକୁ ୨ଟି ଗ୍ୟାଲେରିରେ ପ୍ରବଳ ଖେଳପ୍ରେମୀଙ୍କୁ ଦେଖିବାକୁ ମିଳିଛି। ଆଜି କ୍ରିଡ଼ାପ୍ରେମୀଙ୍କ ପାଇଁ କିଛି ଗ୍ୟାଲେରିକୁ ଖୋଲି ଦିଆଯାଇଥିଲା, ଯେଉଁଠି ସେମାନେ ଉତ୍ସାହିତ ଦେଖାଯାଇଥିଲେ।

# ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଉଦଘାଟନ କଲେ ରବି ଶାସ୍ତ୍ରୀ

**କଟକ,୮।୨ :** ଏମଜିଏମ୍ ଟି-୨୦ ଚାମ୍ପିଅନସିପ୍ ଶନିବାର (୮ ଫେବୃଆରୀ)ରୁ କଟକର କପୁରସିଂଠାରେ ଅବସ୍ଥିତ 'ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ୍'ରେ ଆରମ୍ଭ ହୋଇଛି। ପୂର୍ବତନ କ୍ରିକେଟର ତଥା ଭାରତୀୟ ଦଳର ପୂର୍ବତନ କୋଚ ରବି ଶାସ୍ତ୍ରୀ ଏବଂ ପୂର୍ବତନ ଟେଷ୍ଟ କ୍ରିକେଟର ଭରତ ଅରୁଣ ଏହି ୪-ଦିନିଆ ଟି୨୦ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ।



ଏହି ଟୁର୍ଣ୍ଣାମେଣ୍ଟରେ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସର ବଛା ବଛା ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ, ହାଇଦରାବାଦ ଏବଂ ଭଦୋଦରାସ୍ଥିତ କୋଚିଂ ବିାଣ୍ଡ କ୍ରିକେଟ ଏକ୍ସଲେନ୍ସ ସେରର କ୍ରିକେଟ ଟିମଗୁଡ଼ିକ ଅଂଶଗ୍ରହଣ କରିବେ। ଟିମ୍ ଇଣ୍ଡିଆର ବିଶିଷ୍ଟ କ୍ରିକେଟର ଏବଂ ପ୍ରାକ୍ତନ ଆନ୍ତର୍ଜାତିକ ବୋଲର ଭେଙ୍କଟପତି ରାଜୁ ଏବଂ ଓଡ଼ିଶାର ସୁପରିଚିତ ଆନ୍ତର୍ଜାତିକ କ୍ରିକେଟର ଶ୍ରୀ ଦେବାଶିଷ ମହାନ୍ତି ମଧ୍ୟ ଏହି ଉତ୍ସବରେ ଯୋଗଦେବେ। ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ନିଜର ପ୍ରଶଂସା ବ୍ୟକ୍ତ କରି ଶ୍ରୀ ରବି ଶାସ୍ତ୍ରୀ କହିଛନ୍ତି, ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସରେ ଯୁବ କ୍ରିକେଟରଙ୍କ ଅଭିବୃଦ୍ଧି ଏବଂ ସେମାନଙ୍କ ଉନ୍ନତି ନିମନ୍ତେ ବିଶ୍ୱମାନର ଭିତ୍ତିଭୂମି ଓ ଆବାସିକ ସୁବିଧା ରହିଛି। ଏମଜିଏମ୍ ଟି୨୦ ଚାମ୍ପିଅନସିପ୍ ୨୦୨୫ ଖେଳାଳିମାନଙ୍କ ପାଇଁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ତଥା ସେମାନଙ୍କ ସ୍ୱପ୍ନ ସାକାର ନିମନ୍ତେ ପ୍ରୟାସ କରିବାକୁ ଏକ ଭଲ ସୁଯୋଗ ଆଣିଛି। ଏହି ଅବସରରେ ପଙ୍କଜ ଲୋଚନ ମହାନ୍ତି, ସିଏମଡି, ଏମଜିଏମ୍ ଗ୍ରୁପ୍ କହିଛନ୍ତି, ଏହି ଟୁର୍ଣ୍ଣାମେଣ୍ଟ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ତାହାସହିତ ଓଡ଼ିଶାରେ କ୍ରିକେଟର ସୁଯୋଗ ସୃଷ୍ଟି କରୁଛି ଏବଂ ଏହାକୁ ମଜଭୁତ କରୁଛି।

# ଟି-୨୦ ବିଶ୍ୱକପ ବିଜେତାମାନଙ୍କୁ ସ୍ୱତନ୍ତ୍ର ମୁଦି

**ନୂଆଦିଲ୍ଲୀ,୮।୨ :** ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଟିମ୍ ଇଣ୍ଡିଆର ବିଜୟ ପରେ, ଏକ ବିଜୟ ପରେଡ୍ ମଧ୍ୟ ଆୟୋଜନ କରାଯାଇଥିଲା। ଏହା ପରେ ପୁରସ୍କାର କାର୍ଯ୍ୟକ୍ରମରେ ଖେଳାଳିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିସିସିଆଇ ନିକଟରେ ନମନ ପୁରସ୍କାର ଆୟୋଜନ କରିଥିଲା। ଏହି ସମୟରେ ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ ହୀରା ମୁଦି ଉପହାର ଦିଆଯାଇଥିଲା। ଏହା ଏକ ବହୁତ ମହଙ୍ଗା ମୁଦି। ଶୁକ୍ରବାର ସନ୍ଧ୍ୟାରେ ବିସିସିଆଇ ଏକ ଭିଡିଓ ଜାରି କରିଛି।




ବିସିସିଆଇ ଏକ୍ସରେ ଭିଡିଓଟି ସେୟାର କରି ଲେଖିଛି, ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ ଚାମ୍ପିଅନ୍ ରିଙ୍ଗ ଦିଆଯାଇଥିଲା ବିସିସିଆଇ ଏହି ପୋଷ୍ଟରେ କହିଛି ଯେ ଏହି ମୁଦିଟି ହୀରାରେ ତିଆରି। ଏହି ମୁଦିର ସବୁଠାରୁ ବଡ଼ ଏବଂ ପ୍ରଥମ ବିଶେଷତ୍ୱ ହେଉଛି ଏହା ଚାମ୍ପିଅନ୍ସଙ୍କ ରିଙ୍ଗ। ଏହା ସହିତ, ଏହାକୁ ଏକ ସ୍ୱତନ୍ତ୍ର ଉପାୟରେ ଡିଜାଇନ୍ କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କ ନାମ ରିଙ୍ଗ୍ ଉପରେ ଲେଖାଯାଇଛି।

ରୋହିତ ଶର୍ମା ଯେଉଁ ମୁଦି ପାଇଥିଲେ ସେଥିରେ ତାଙ୍କ ନାମ ଲେଖା ହୋଇଛି। ଏହା ସହିତ, ଖେଳାଳିମାନଙ୍କ ରନ ମଧ୍ୟ ରିଙ୍ଗ୍ରେ ଲେଖାଯାଇଛି। ଏହି ମୁଦିର ପ୍ରକୃତ ମୂଲ୍ୟ ବିଷୟରେ କୌଣସି ସୂଚନା ଉପଲବ୍ଧ ନାହିଁ। କିନ୍ତୁ ରିପୋର୍ଟ ଅନୁସାରେ, ହୀରା ମୁଦିର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା।

# କେବଳ ଟୁର୍ଣ୍ଣାମେଣ୍ଟ ନୁହେଁ, ଭାରତକୁ ହରାଇବା ପ୍ରକୃତ ଚ୍ୟାଲେଞ୍ଜ

**ଇସଲାମାବାଦ,୮।୨ :** ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ଆଉ କିଛି ଦିନ ବାକି। ଏହାକୁ ନେଇ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ। ଏମିତିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବଡ଼ ବୟାନ ଦେଇଛନ୍ତି। ତାଙ୍କ ଟିମର ପ୍ରକୃତ ଚ୍ୟାଲେଞ୍ଜ କେବଳ ଟାଇଟଲ ଜିତିବା ନୁହେଁ ବରଂ ପଡୋଶୀ ଭାରତକୁ ପରାସ୍ତ କରିବା ବୋଲି ସେ କହିଛନ୍ତି।

ଚାମ୍ପିଅନ୍ସ ଟ୍ରଫି ବିବାଦକୁ ନେଇ ଭାରତ ୟୁଏଇରେ ଏହାର ମ୍ୟାଚ୍ ଖେଳିବ। ଫେବୃଆରୀ ୨୩ରେ ଦୁବାଇରେ ଭାରତ-ପାକ ପ୍ରତିଦ୍ୱନ୍ଦ୍ୱିତା ହେବ, ଯାହା ଉପରେ ସମସ୍ତଙ୍କ ନଜର ରହିଛି। ଏହାକୁ ନେଇ ଶେହବାଜ କହିଛନ୍ତି, ଆମ ଟିମ୍ ବହୁତ ଭଲ ଏବଂ ସେମାନେ ସାମ୍ପ୍ରତିକ ସମୟରେ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ବର୍ତ୍ତମାନ କେବଳ ଚାମ୍ପିଅନ୍ସ ଟ୍ରଫି ଜିତିବା ପ୍ରକୃତ ଚ୍ୟାଲେଞ୍ଜ ନୁହେଁ ବରଂ ଦୁବାଇରେ ହେବାକୁ ଥିବା ଆଗାମୀ ମ୍ୟାଚରେ ଆମର ଚିରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ପରାସ୍ତ କରିବା। ପୂରା ଦେଶ ସେମାନଙ୍କ ପଛରେ ଛିଡ଼ା ହୋଇଛି, ଲାହୋରରେ ନବୀକରଣ ହୋଇଥିବା ଗଦାଫି ଷ୍ଟାଡିୟମର ଉଦଘାଟନ ଉତ୍ସବରେ ଭାଷଣ ଦେଇ ଶୁକ୍ରବାର ସରିଫ ଏଭଳି କହିଛନ୍ତି।



ସରିଫ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନ ପାଇଁ ଏହା ଏକ ବଡ଼ ସୁଯୋଗ ଯେ ଆମେ ପ୍ରାୟ ୨୯ ବର୍ଷ ପରେ ଏକ ବଡ଼ ଓଡ଼ଉ ଟୁର୍ନାମେ ଆୟୋଜନ କରୁଛୁ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଆମ ଦଳ ଆଗାମୀ ଚାମ୍ପିଅନ୍ସ ଟ୍ରଫିରେ ଦେଶକୁ ଗର୍ବିତ କରିବ।

ତେବେ ପ୍ରଥମ ଥର ପାଇଁ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି। ଏହା ୧୯୯୬ ପରେ ପାକିସ୍ତାନରେ ଖେଳାଯାଉଥିବା ପ୍ରଥମ ଓଡ଼ଉ ଟୁର୍ନାମେଣ୍ଟ। ସୁରକ୍ଷା କାରଣ ଦର୍ଶାଇ ବିସିସିଆଇ ଭାରତ ପାକିସ୍ତାନ ଯିବ ନାହିଁ ବୋଲି ମନା କରିଦେଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ସହିତ ସପ୍ତାହେ ଧରି ବିଚାର-ବିମର୍ଶ କରିବା ପରେ, ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ହାଇବ୍ରିଡ ମଡେଲ ଉପରେ ରାଜି ହୋଇଥିଲେ। ଏଣୁ ଭାରତ ଏହାର ମ୍ୟାଚ ୟୁଏଇରେ ଖେଳିବ।

ଷ୍ଟାଡିୟମର ଉଦଘାଟନ ଉତ୍ସବରେ ରାଜନେତା, ସରକାରୀ ଅଧିକାରୀ, ପିସିବି ପ୍ରତିନିଧି, ଜାତୀୟ ପୁରୁଷ ଦଳର ସମଗ୍ର ଚାମ୍ପିଅନ୍ସ ଟ୍ରଫି ଦଳ, ପାକିସ୍ତାନ ସୁପର ଲିଗ ଫ୍ରାଞ୍ଚାଇଜ ମାଲିକ ଏବଂ ପୂର୍ବତନ ପିସିବି ଅଧ୍ୟକ୍ଷ ଜାକା ଅସରଫ ଏବଂ ନଜାମ ସେଟ୍ଟିଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ମାତ୍ର ୧୧୭ ଦିନ ମଧ୍ୟରେ ଷ୍ଟାଡିୟମ ପ୍ରସ୍ତୁତ ହେବାର ଉତ୍ସବ ପାଳନ କରାଯାଇଥିଲା ଏବଂ ପିସିବି ଟୁର୍ନାମେ ପାଇଁ ଦଳର ଜର୍ସି ଲଞ୍ଚ କରିଥିଲା। ପାକିସ୍ତାନ ଫେବୃଆରୀ ୧୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ତାଙ୍କର ଅଭିଯାନ ଆରମ୍ଭ କରିବ।

# ପିଲାଦିନର କୋଚଙ୍କୁ ନିଜ ଘର ଉପହାର

**ନୂଆଦିଲ୍ଲୀ,୮।୨ :** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଦ୍ରୁତ ବୋଲର ଆଶିଷ ନେହେରା ଆଜିକାଲି ଜଣେ କୋଚ ଭାବରେ ସମୟ ବିତାଉଛନ୍ତି। ସେ ଆଇପିଏଲ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟାନ୍ସର କୋଚ। ନେହେରାଙ୍କ ଗୁଜରାଟ ଏହାର ପ୍ରଥମ ସିଜିନରେ (୨୦୨୨) ଟାଇଟଲ ଜିତିଥିଲା। ସେହିପରି ଆଇପିଏଲ୍ ୨୦୨୫ ପୂର୍ବରୁ, ଆଶିଷ ନେହେରାଙ୍କ ଏକ ଅନୁକରଣୀ। କାହାଣୀ ସାମ୍ନାକୁ ଆସିଛି। ଜଣେ ଶିଷ୍ୟ ହୋଇଥିବାରୁ, ସେ ତାଙ୍କ ଘର ଗୁରୁ ତାରକ ସିହ୍ନାଙ୍କୁ ଅର୍ଥାତ ପ୍ରଶିକ୍ଷକଙ୍କୁ ଗୁରୁଦକ୍ଷିଣା ଭାବରେ ଉପହାର ଦେଇଥିଲେ।



ଆଶିଷ ନେହେରା ଦିଲ୍ଲୀର ସନେଟ କ୍ରିକେଟ ଏକାଡେମୀରେ ଖେଳୁଥିଲେ। ଟିମ ଇଣ୍ଡିଆର ଅଂଶ ହେବା ସତ୍ୱେ, ଆଶିଷ ନେହେରା ପ୍ରାୟତଃ ସନେଟ ଏକାଡେମୀକୁ ଯାଉଥିଲେ। ଗୋଟିଏ ଦିନ କୋଚ ଏକାଡେମୀକୁ ଡେରିରେ ଆସିଲେ, ତେଣୁ ନେହରା ଜୀ କହିଲେ ଯେ ଯଦି ତୁମେ ଏତେ ଡେରିରେ ଆସିବ, ତେବେ ତୁମେ ପିଲାମାନଙ୍କୁ କଣ ଶିଖାଇବ? ଏହା ପରେ, ନେହେରା ଜାଣିବାକୁ ପାଇଲେ ଯେ ପ୍ରଶିକ୍ଷକଙ୍କୁ ଭଡା ଘର ଖାଲି କରିବାକୁ ନୋଟିସ ମିଳିଛି, ଯାହା ଫଳରେ ସେ ଅନ୍ୟ ଏକ ଘର ଖୋଜିବାକୁ ଯାଇଥିଲେ ଏବଂ ଏକାଡେମୀକୁ ଆସିବାରେ ବିଳମ୍ବ କରିଥିଲେ। ତା'ପରେ ନେହେରା ନିଷ୍ପତ୍ତି ନେଲେ ଯେ ସେ ପ୍ରଶିକ୍ଷକଙ୍କୁ ଏକ ଘର ଉପହାର ଦେବେ ଏବଂ ସେ ତିନି ଦିନ ମଧ୍ୟରେ ତାହା କଲେ।

# ଫୁଟବଲ ଖେଳାଳି ଏକେ-୪୭ ରାଇଫଲ ଧରିଥିବା ଭିଡିଓ ଭାଇରାଲ

**ନୂଆଦିଲ୍ଲୀ,୮।୨ :** ମଣିପୁରର କଙ୍ଗପୋକପି ଜିଲ୍ଲାରେ ଏକ ଫୁଟବଲ୍ ମ୍ୟାଚ୍ ସମୟରେ ଖେଳାଳିମାନେ ଖୋଲାଖୋଲି ଭାବେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓରେ ଫୁଟବଲ୍ ଜର୍ସି ପିନ୍ଧିଥିବା ଅନେକ ଖେଳାଳି ଏକେ-୪୭ ଏବଂ ଏମ ସିରିଜ୍ ରାଇଫଲ୍ ଭଳି ସ୍ୱୟଂଚାଳିତ ଆସଲ୍ଟ ରାଇଫଲ୍ ସହିତ ଫୁଟବଲ୍ ଖେଳୁଥିବାର ଦେଖିବାକୁ ମିଳୁଛି। ଏହି ଘଟଣାଟି ଜାନୁଆରି ୨୦ ତାରିଖରେ ଘଟିଥିବା କୁହାଯାଉଛି।



ଭିଡିଓରେ ଦେଖାଯାଉଥିବା ପୋଷ୍ଟରରେ ଦେଖାଯାଉଛି ଯେ ମ୍ୟାଚ ଜାନୁଆରି ୨୦ ତାରିଖରେ (ଏଲ) ନୋହଜାଙ୍ଗ କିପଜେନ୍ ମେମୋରିଆଲ୍ ପ୍ଲେଗ୍ରାଉଣ୍ଡ, କେ ଗାମନୋମ୍ଫାଇରେ ଆୟୋଜିତ ହୋଇଥିଲା। ଭାଇରାଲ୍ ଭିଡିଓଟି ପ୍ରଥମେ ନାମ୍ପି ରୋମିଓ ହନସୋଙ୍ଗ ନାମକ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ଦ୍ୱାରା ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିଲା। ପରେ ହନସୋଙ୍ଗ ଭିଡିଓଟିକୁ ଡିଲିଟ୍ କରିଦେଇ ଆଉ ଏକ ଛୋଟ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସଶସ୍ତ୍ର ବ୍ୟକ୍ତିମାନେ ଆଉ ଦେଖାଯାଇ ନଥିଲେ। ମଇତେଇ ହେରିଟେଜ୍ ସୋସାଇଟି ନାମକ ଏକ ନାଗରିକ ସଙ୍ଗଠନ ଏକ୍ସରେ ଏକ ପୋଷ୍ଟ ସେୟାର କରି ଦାବି କରିଛି ଯେ କର୍ତ୍ତୃପକ୍ଷ ଅସ୍ତ୍ରଶସ୍ତ୍ରର ଏହି ଖୋଲା ପ୍ରଦର୍ଶନର ତଦନ୍ତ କରନ୍ତୁ। ମଣିପୁରରେ ଏକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଦୃଶ୍ୟ ଦେଖି ସବୁଠାରୁ ବିବ୍ରତକର କଥା ହେଉଛି ତଥାକଥିତ ଫୁଟବଲ୍ ଖେଳାଳିମାନଙ୍କ ଦ୍ୱାରା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଖୋଲା ପ୍ରଦର୍ଶନ କରାଗଲା ଭଳି ଅନୁଭବ ହେଉଛି।

# ୨୪ ରନ୍ କଲେ ରେକର୍ଡ ଭାଙ୍ଗିବେ ରୋହିତ

**କଟକ,୮।୨ :** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ତିନି ମ୍ୟାଚ ବିଶିଷ୍ଟ ଦିନିକିଆ। ସିରିଜରେ ସମସ୍ତ ପ୍ରଶଂସକଙ୍କ ନଜର ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ରହିବ। ଏହି ସିରିଜର ପ୍ରଥମ ମ୍ୟାଚ୍ରେ ରୋହିତ ବ୍ୟାଟ୍ରେ କିଛି ବିଶେଷ କରିପାରି ନଥିଲେ ଏବଂ ମାତ୍ର ୨ ରନ କରି ଆଉଟ ହୋଇଥିଲେ। ଏହି ଇନିଂସ ପରେ ତାଙ୍କୁ ବହୁତ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ଦ୍ୱିତୀୟ ଏକଦିବସୀୟ ମ୍ୟାଚ ରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ରହିଛି। ରୋହିତଙ୍କ ପାଇଁ ସବୁଠାରୁ ଭଲ କଥା ହେଉଛି କଟକର ବାରବାଟୀ ଷ୍ଟାଡିୟମ ତାଙ୍କ ପାଇଁ ଜଣେ ବ୍ୟାଟସମ୍ୟାନ ଭାବରେ ବହୁତ ଶୁଭ।



କଟକର ବାରବାଟୀ ଷ୍ଟାଡିୟମରେ ୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏଥିରେ ସେ ୭୧.୫୦ର ହାରରେ ସହିତ ମୋଟ ୧୪୩ ରନ କରିପାରିଛନ୍ତି। ଏଥିମଧ୍ୟରୁ ରୋହିତଙ୍କ ବ୍ୟାଟରୁ ଦୁଇଥର ଅର୍ଦ୍ଧଶତକ। ଇନିଂସ ଦେଖିବାକୁ ମିଳିଛି। ଏହି ସଂଖ୍ୟାଗୁଡ଼ିକ ନିଶ୍ଚିତ ଭାବରେ ରୋହିତଙ୍କ ପାଇଁ ବହୁତ ଆଶ୍ୱସ୍ତିକର ହେବ ଏବଂ ଏହାକୁ ଦେଖି ତାଙ୍କର ଆତ୍ମବିଶ୍ୱାସ ମଧ୍ୟ ଟିକେ ବଢ଼ିଯିବ। କଟକର ପିଚ ତାର ବ୍ୟାଟିଂ ଦକ୍ଷତା ପାଇଁ ଜଣାଶୁଣା, ତେଣୁ ରୋହିତଙ୍କ ପାଖରେ ଦ୍ୱିତୀୟ ଦିନିକିଆରେ ଏକ ବଡ଼ ଇନିଂସ ଖେଳିବାର ସୁଯୋଗ ରହିବ। ଯଦି ରୋହିତ ଏହା କରିବାରେ ସଫଳ ହୁଅନ୍ତି, ତେବେ ସେ ଏକ ଚମତ୍କାର ରେକର୍ଡ ହାସଲ କରିବେ। ଯଦି ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ୨୪ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ ଦିନିକିଆ କ୍ରିକେଟରେ ସର୍ବାଧିକ ରନ କରିଥିବା ଖେଳାଳିଙ୍କ ତାଲିକାରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ନିଜର ସ୍ଥାନ ପକ୍କା କରିବେ। ରୋହିତ ବର୍ତ୍ତମାନ ୧୧ତମ ସ୍ଥାନରେ ଅଛନ୍ତି। ୨୪ ରନ୍ କରିବା ମାତ୍ରେ ସେ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇଦେବେ। ରାହୁଲ ଦିନିକିଆରେ ୧୦,୮୮୯ ରନ ସହିତ ୧୦ମ ସ୍ଥାନରେ ଅଛନ୍ତି।

# ସାମସଙ୍ଗ ଗାଲାକ୍ସି ଏସ୨୫ ବିତରଣ ସ୍ଥଗିତ

**ନୂଆଦିଲ୍ଲୀ,୮।୨ :** ସାମସଙ୍ଗ ଭାରତରେ ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ପ୍ରକାଶ କରିଛି ଯେ, ଭାରତରେ ଏହା ରେକର୍ଡ଼ ସଂଖ୍ୟକ ଫ୍ଲାଗସିପ୍ ଗାଲାକ୍ସି ଏସ୨୫ ଶୃଙ୍ଖଳର ପ୍ରତିକ୍ରିୟା ପ୍ରାପ୍ତ ହୋଇପାରିଛି, ଫଳସ୍ୱରୂପ ପ୍ରାୟ ୪,୩୦,୦୦୦ରୁ ଅଧିକ ପ୍ରି-ଅର୍ଡ଼ର ପ୍ରାପ୍ତ ହୋଇପାରିଛି। ଭାରତରେ ଗାଲାକ୍ସି ଏସ୨୪ ଶୃଙ୍ଖଳ ତୁଳନାରେ ଏହି ଗାଲାକ୍ସି ଏସ୨୫ ଶୃଙ୍ଖଳର ପ୍ରି-ଅର୍ଡ଼ର ୨୦% ରୁ ଅଧିକ ରେକର୍ଡ଼ ସୃଷ୍ଟି କରିଛି।

"ଗାଲାକ୍ସି ଏସ୨୫ ଅଲଟ୍ରା, ଗାଲାକ୍ସି ଏସ୨୫+ ଏବଂ ଗାଲାକ୍ସି ଏସ୨୫ ସ୍ମାର୍ଟଫୋନ ଯାହାକି ପ୍ରକୃତ ଏଆଇ ସହଯୋଗୀ ଭାବରେ ସାମସଙ୍ଗର ସବୁଠାରୁ ଅଧିକ ପ୍ରାକୃତିକ ତଥା ଏପର୍ଯନ୍ତ ସୃଷ୍ଟି ହୋଇଥିବା ପ୍ରାସଙ୍ଗିକ ସଚେତକ ମୋବାଇଲ ଅଭିଜ୍ଞତା ସହିତ ଏକ ନୂତନ ମାନକ ସ୍ଥାପିତ କରିପାରିଛି। ରହିଥିବା ଯୁବ କୁଶଳୀ ଦକ୍ଷ ଗ୍ରାହକମାନଙ୍କ ମଧ୍ୟରେ ଏହି ଗାଲାକ୍ସି ଏସ୨୫ ଶୃଙ୍ଖଳ ପାଇଁ ଏକ ଦୃଢ଼ ଦାବି ଦେଖିବାକୁ ମିଳୁଛି ଯେଉଁମାନେ କି ଆଗଧାଡ଼ିର ଗାଲାକ୍ସି ଏଆଇ ବ୍ୟବହାରକାରୀ। ଚଳିତ ବର୍ଷ ଆମେମାନେ ଏହି ଫ୍ଲାଗସିପ୍ ବିତରଣ ନେଟୱାର୍କକୁ ଆହୁରି ପ୍ରସାରିତ କରି ପ୍ରାୟ ୧୭,୦୦୦ ଆଉଟଲେଟକୁ ବୃଦ୍ଧି କରିଛୁ ଯାହାକି ଛୋଟ ଛୋଟ ସହରମାନଙ୍କରେ ରହୁଥିବା ଏସ୨୫ ଶୃଙ୍ଖଳର ଅଧିକ ଆବଶ୍ୟକତାର ଦାବିକୁ ଯଥାର୍ଥରେ ପରିପୂରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିବ" ମତବ୍ୟକ୍ତ କରି କହିଛନ୍ତି, ରାଜୁ ପୁଲନ, ବରିଷ୍ଠ ଉପସଭାପତି, ଏମଏକ୍ସ ଡ଼ିଭିଜନ, ସାମସଙ୍ଗ ଇଣ୍ଡିଆ।

ଗାଲାକ୍ସି ଏସ୨୫ ଶୃଙ୍ଖଳର ଏହି ସଫଳତା ସାମସଙ୍ଗର ବିଶ୍ୱାସତାକୁ ଆହୁରି ଦୃଢ଼ିଭୂତ କରିପାରିଛି ଯେ ଏହାର ଗ୍ରାହକମାନେ ତ୍ରୁଟିଶୂନ୍ୟ ଭାବରେ ଏଆଇ ସମାଧାନକୁ ସାମିଲ କରି ନିଜର ଦୈନନ୍ଦିନ ଜୀବନରେ ଏହାର ଦେଖାଦେଉଥିବା ପ୍ରଭାବକୁ ଆହୁରି ଅଧିକ ପ୍ରଭାବଶାଳୀ କରିପାରିଛନ୍ତି। ଏହି ଶୃଙ୍ଖଳର ଆରମ୍ଭରୁ ଭାରତରେ ଗାଲାକ୍ସି ଏସ୨୫ ଗ୍ରାହକମାନଙ୍କ ପାଇଁ ଗୁଗୁଲ ଜେମିନିର ସିଧାପ୍ରସାରଣ ହିନ୍ଦୀରେ ଉପଲବ୍ଧ ହେଉଅଛି ଯାହାକି ଭାରତରେ ସାମସଙ୍ଗର ପ୍ରଚଳନକୁ ଆହୁରି ଅଧିକ ଗୁରୁତ୍ୱ ଦେଇପାରିଛି।

ଫେବୃୟାରୀ ୦୭ରୁ ଆରମ୍ଭ ହେଉଥିବା ଏହି ଗାଲାକ୍ସି ଏସ୨୫ ଶୃଙ୍ଖଳ ସମଗ୍ର ଖୁଚୁରା ଷ୍ଟୋର ମାନଙ୍କରେ ସାମସଙ୍ଗ ଡ଼ଟକମ୍‌ରେ ତଥା ଅନ୍ୟାନ୍ୟ ଅନଲାଇନ ପ୍ଲାଟଫର୍ମରେ ଉପଲବ୍ଧ ହେବାକୁ ଯାଉଛି।

# ନାଗପୁରରେ କରିଥିବା ଭୁଲ୍ ବାରବାଟୀରେ ସୁଧାରିବ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ,୮।୨ :** ନାଗପୁର ଦିନିକିଆରେ ଭାରତ ଇଂଲଣ୍ଡକୁ ୪ ୱିକେଟରେ ପରାଜିତ କରିଛି। ବିଜୟର ନାୟକ ଥିଲେ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଶୁଭମନ ଗିଲ୍। ସେ ୯୬ ବଲରେ ୮୭ ରନର ଇନିଂସ ଖେଳିଥିଲେ। ଏହା ବ୍ୟତୀତ ଶ୍ରେୟସ ଅୟାର ଏବଂ ଅକ୍ଷର ପଟେଲ ମଧ୍ୟ ସେମାନଙ୍କର ଅର୍ଦ୍ଧଶତକୀୟ ପାଳି ବଳରେ ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ତାଙ୍କର ଡେବ୍ୟୁ ମ୍ୟାଚରେ, ହର୍ଷିତ ରାଣା ମଧ୍ୟ ୩ ୱିକେଟ୍ ନେଇ ନିଜର ଦକ୍ଷତା ଦେଖାଇଛନ୍ତି। ରବିନ୍ଦ୍ର ଜାଡେଜା ମଧ୍ୟ ତାଙ୍କ ସ୍ପିନର ଯାଦୁ ବିସ୍ତାର କରିଥିଲେ। ଟିମ୍ ଇଣ୍ଡିଆ ଏବଂ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ନାଗପୁରରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଜିତି ଭାରତ ସିରିଜରେ ୧-୦ରେ ଆଗୁଆ ହୋଇଛି। ଏବେ ଉଭୟ ଦଳ ଫେବୃଆରୀ ୯ ତାରିଖ ଅର୍ଥାତ ରବିବାର କଟକର ବାରବାଟୀ ଷ୍ଟାଡିୟମରେ ମୁହାଁମୁହିଁ ହେବେ।

ଯଦିଓ ଭାରତୀୟ ଦଳ ଏହି ମ୍ୟାଚ୍ ଜିତିଥିଲା, ତଥାପି ଏଥିରେ ତିନୋଟି ବଡ଼ ଭୁଲ ମଧ୍ୟ କରିଥିଲା। ପ୍ରଥମତଃ, ରୋହିତ ଶର୍ମାଙ୍କ ଖରାପ ଫର୍ମ। ବର୍ଡର ଗାଭାସ୍କର ଟ୍ରଫିରେ ଖରାପ ଫର୍ମକୁ ପଛରେ ପକାଇ ନିଜର ପ୍ରିୟ ଫର୍ମାଟରେ ଚମକିବା ନେଇ ଅଧିନାୟକ ରୋହିତଙ୍କଠାରୁ ଆଶା କରାଯାଉଥିଲା। କିନ୍ତୁ ସେ ନାଗପୁରରେ ସେଥିରେ ମଧ୍ୟ ବିଫଳ ହୋଇଥିଲେ। ସେ ୭ଟି ବଲ୍ ଖେଳିଥିଲେ, କିନ୍ତୁ କେବଳ ୨ରନ୍ ହିଁ କରିପାରିଥିଲେ। ହିଟମ୍ୟାନ୍ ରୋହିତ ଶର୍ମାଙ୍କୁ ଦ୍ରୁତ ବୋଲର ସାକିବ ମହମ୍ମଦ ଇନସୁଇଙ୍ଗ୍ ବଲରେ କ୍ୟାଚ୍ ଆଉଟ୍ କରାଇଥିଲେ।



ଦିନିକିଆ ସିରିଜ୍ ପରେ, ଭାରତକୁ ସମାନ ଫର୍ମାଟରେ ଚାମ୍ପିୟନ୍ସ ଟ୍ରଫି ମଧ୍ୟ ଖେଳିବାକୁ ପଡିବ। ଏପରି ପରିସ୍ଥିତିରେ, ରୋହିତଙ୍କ ଖରାପ ଫର୍ମ ଚିନ୍ତାର ପ୍ରମୁଖ କାରଣ ହୋଇ ରହିଛି।

ରୋହିତ ଶସ୍ତାରେ ଆଉଟ୍ ହେବା ପରେ, ଏହାର ସିଧାସଳଖ ପ୍ରଭାବ ଭାରତର ନୂତନ ଓପନିଂ ଯୋଡ଼ି ଉପରେ ଦେଖିବାକୁ ମିଳିଥିଲା। ନାଗପୁରରେ ପ୍ରଥମ ୱିକେଟ ପାଇଁ ରୋହିତ ଏବଂ ଯଶସ୍ୱୀ ଜୟସ୍ୱାଲ ଦଳୀୟ ଖାତାରେ ମାତ୍ର ୧୯ ରନ ଯୋଡିଥିଲେ। ଏପରି ପରିସ୍ଥିତିରେ, କଟକରେ ପ୍ରଶ୍ନ ଉଠିବ ଯେ ଭାରତୀୟ ଦଳ ଓପେନିଂ ଯୋଡ଼ିରେ କୌଣସି ପରିବର୍ତ୍ତନ କରିବ କି? କାରଣ ଏପର୍ଯ୍ୟନ୍ତ କେବଳ ଶୁଭମନ ଗିଲ ଏବଂ ରୋହିତ ଶର୍ମା ଦିନିକିଆରେ ଓପେନିଂ କରୁଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ